# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims

RNI Regd. No. :ODIMUL/2023/89182 | Weekly Multilingual | Rs - 5.00

ଭାଗ: ୩, ସଂଖ୍ୟା: ୧୨, ଭୁବନେଶ୍ୱର, ଫେବୃଆରୀ ୯ - ଫେବୃଆରୀ ୧୫, ୨୦୨୬, Vol: 3, Issue: 12, Bhubaneswar, February 9 - February 15, 2026 Pages- 8



ପୃଷ୍ଠା ୪ ସମ୍ପାଦକୀୟ : ଭୃଗୁ ଗୋଏଲ

ପୃଷ୍ଠା ୮ ରୁଷ ବିଶ୍ୱବିଦ୍ୟାଳୟରେ ୪ ଭାରତୀୟ ଛାତ୍ରଙ୍କୁ ଛୁରାମାଡ଼


# ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାର କ୍ରମବର୍ଦ୍ଧମାନ ଭୂମିକା

**ସଞ୍ଜୀବ ମହାପାତ୍ର**

ଦେଶର ପ୍ରତିରକ୍ଷା ପାଇଁ ଆମ ପ୍ରଦେଶ ଓଡ଼ିଶାର ଅବଦାନ ଯେ ଉଲ୍ଲେଖ ଯୋଗ୍ୟ ଏଥିରେ ସନ୍ଦେହ ନାହିଁ। ପ୍ରମାଣ ସ୍ୱରୂପ ଯେତେବେଳେ ଆମେ ମିଗ୍ ବିମାନ କଥା ଚିନ୍ତାକରୁ ସେତେବେଳ HAL ଅର୍ଥାତ୍ କୋରାପୁଟର ସୁନାବେଡ଼ା ସ୍ଥିତ ହିନ୍ଦୁସ୍ଥାନ ଏରୋନଟିକାଲ୍ ଲିମିଟେଡ କଥା ସ୍ୱତଃ ମନକୁ ଆସେ। ଦୀର୍ଘ ଷାଠିଏ ବର୍ଷରୁ ଅଧିକ ସମୟ ଧରି ଏଠାରେ ମିଗ୍ ବିମାନର ଇଞ୍ଜିନ ତିଆରି ଚାଲୁରହିଛି। ପ୍ରଥମେ ମିଗ୍ ୨୧ ତା'ପରେ ମିଗ୍ ୨୩, ମିଗ୍ ୨୯ ଏବଂ ବର୍ତ୍ତମାନ ସୁଖୋଇ ୩୦ ବିମାନର ଇଞ୍ଜିନ ଏଠାରେ ତିଆରି କରାଯାଉଛି। ଆଧୁନିକ ଯୁଗରେ ଯୁଦ୍ଧ କୌଶଳର ବ୍ୟାପକ ପରିବର୍ତ୍ତନ ଘଟିଛି। ଆଗକୁ ଡ୍ରୋନ୍ ଏବଂ ମିସାଇଲ ଅଧିକରୁ ଅଧିକ ଭୂମିକା ତୁଲାଇବେ ନିଶ୍ଚୟ। ଏହାର ପ୍ରମାଣ ସ୍ୱରୂପ ବର୍ତ୍ତମାନ ଋଷିଆ ୟୁକ୍ରେନ ଯୁଦ୍ଧରେ ଡ୍ରୋନ ଏବଂ ମିଶାଇଲର ବହୁଳ ବ୍ୟବହାର ଦେଖିବାକୁ ମିଳୁଛି। କିନ୍ତୁ ଆମ ପରିବେଶ ସୃଷ୍ଟି କରିଥାଏ। ପ୍ରଥମେ ଏହି ବେଳା ଭୂମିରେ ଥିବା ହ୍ୱିଲର ଆଇଲାଣ୍ଡରୁ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯାଉଥିଲା । ପରବର୍ତ୍ତୀ କାଳରେ ୨୦୧୫ ମସିହାରେ ଏହାକୁ ଏ.ପି.ଜେ ଅବଦୁଲ କଲାମ ଦ୍ୱୀପ ଭାବେ ନାମିତ କରାଗଲା। ବର୍ତ୍ତମାନ ଏଠାରେ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଉଥିବା ପୃଥ୍ୱୀ ଓ ଅଗ୍ନି, ସେହିପରି ଭୂପୃଷ୍ଠରୁ ଆକାଶ ମାର୍ଗକୁ ନିକ୍ଷେପ କରାଯାଇପାରୁଥିବା, ଆକାଶ ଓ ଅସ୍ତ୍ର ମିଶାଇଲ୍ ତଥା ଅନ୍ୟାନ୍ୟ ସ୍ୱଳ୍ପ ଦୂରଗାମୀ ତ୍ରିଶୂଳ, ନାଗ, ପ୍ରହାର ଓ ପିନାକ ମିଶାଇଲ୍ ପରୀକ୍ଷଣ କରାଯାଉଛି। ମୋଟ ଉପରେ ଓଡ଼ିଶାର ଚାନ୍ଦିପୁର ଭାରତର ପ୍ରତିରକ୍ଷା ନିମନ୍ତେ କ୍ଷେପଣାସ୍ତ୍ର ପରୀକ୍ଷା ପାଇଁ ଯେଉଁ ଅତୁଳନୀୟ ଅବଦାନ ଦେଇଛି ତାହା ଆସନ୍ତା ବର୍ଷ ମାନଙ୍କରେ ଆହୁରି ଅଧିକରୁ ଅଧିକ ବଳବତ୍ତର ରହିବ।

ଆମ ପ୍ରଦେଶର ଆଉ ଏକ ଗୌରବ ହେଲା ଗଞ୍ଜାମ ଜିଲ୍ଲାର ଗୋପାଳପୁରରେ ଅବସ୍ଥିତ ଆର୍ମି ଏଆର୍ ଡିଫେନ୍ସ କଲେଜ୍‌ର ଭୂମିକା। ଗୋପାଳପୁରରେ ଥିବା ଆର୍ମି ଏଆର୍ ଡିଫେନ୍ସ କଲେଜ୍ ୧୯୮୯ ମସିହାରେ ସ୍ଥାପନ ଓ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇଥାଏ। ଓଡିଶା ପାଇଁ ନିଶ୍ଚିତ ଭାବରେ ଏହା ଏକ ଗୌରବମୟ ଅନୁଷ୍ଠାନ। ନିକଟରେ ପ୍ରତିରକ୍ଷା କ୍ଷେତ୍ରରେ ଅବଦାନ ଆହୁରି ବଢ଼ାଇବା ପାଇଁ ଏବଂ ବିଶେଷତଃ ଡ୍ରୋନ୍ ନିର୍ମାଣ କରିବାକୁ ଓଡ଼ିଶାରୁ ଏକାଧିକ ଷ୍ଟାର୍ଟପ୍ ସଂସ୍ଥା ଆଗେଇ ଆସିଛନ୍ତି। ଭବିଷ୍ୟତରେ ଡ୍ରୋନ୍‌ର ଉପଯୋଗିତା ଓ ଭୂମିକା ସୁରକ୍ଷା ତଥା ସାମରିକ ଦୃଷ୍ଟିକୋଣରୁ ଅଧିକରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହେବ ଏଥିରେ ସନ୍ଦେହ ନାହିଁ। ସେମାନଙ୍କ ଭିତରେ କେତେକ ଅଗ୍ରଣୀ ନାମ ହେଲା IG ଡ୍ରୋନ୍, BonV ଡ୍ରୋନ୍, ଇଭବ ଡ୍ରୋନ୍ ଇତ୍ୟାଦି ଅନ୍ୟତମ। ସରକାରଙ୍କ ତରଫରୁ ମଧ୍ୟ ଏହାକୁ ଉତ୍ସାହିତ କରାଯାଉଛି। ଏହିସବୁ କମ୍ପାନୀମାନଙ୍କର ପ୍ଲାଣ୍ଟ ଭୁବନେଶ୍ୱରର ଉପକଣ୍ଠ ଖୋର୍ଦ୍ଧା, ଗୋପାଳପୁର ଏବଂ ରାଉରକେଲା ଠାରେ କାର୍ଯ୍ୟକ୍ଷମ ହେବାର ଯୋଜନା ରହିଛି। ବିପୁଳ ପ୍ରତିଶ୍ରୁତି ଓ ସମ୍ଭାବନା ବହନ କରୁଥିବା




ଏହି ଘରୋଇ ଡ୍ରୋନ୍ ନିର୍ମାଣ କମ୍ପାନୀମାନେ ଆଗାମୀ ଅଳ୍ପ କିଛି ବର୍ଷ ଭିତରେ ଆମ ଓଡିଶାକୁ ଭାରତୀୟ ପ୍ରତିରକ୍ଷା ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଦେବେ ବୋଲି ଆଶା କରାଯାଏ। ମୋଟ ଉପରେ ଓଡ଼ିଆ ହିସାବରେ ଆମେ ଗର୍ବର ସହିତ କହିପାରିବା ଯେ ଦେଶର ସୁରକ୍ଷା ପାଇଁ ଆମ ପ୍ରଦେଶର ଅବଦାନ ସବୁକାଳେ ରହିଥିଲା ଓ ଆଗକୁ ରହିବ ମଧ୍ୟ।

(ମତାମତ ଲେଖକଙ୍କ ନିଜସ୍ୱ)

## ଯୁଦ୍ଧ ବିମାନ ଠାରୁ ଆରମ୍ଭ କରି ମିଶାଇଲ ଏବଂ ଡ୍ରୋନ୍ ପର୍ଯ୍ୟନ୍ତ...

ଭାରତର ଭୌଗୋଳିକ ପରିପ୍ରେକ୍ଷୀରେ ପାକିସ୍ତାନ ପଟୁ ହେଉ କିମ୍ବା ଚୀନ ପଟୁ ହେଉ ଆମପାଇଁ ଭୟର ଆକଳନ ଅର୍ଥାତ୍ (କଣ୍ଟେମ୍ପୋରାରୀ ଥ୍ରେଟ୍ ପର୍ସେପସନ୍) ଯାହା, ସେଥିରେ ଲଢୁଆ ଯୁଦ୍ଧ ଜାହାଜର ବିଶେଷ ଭୂମିକା ରହିଛି ତଥା ଆଗାମୀ ୨୫ ବର୍ଷ ପାଇଁ ଏହାର ଆବଶ୍ୟକତା ଅପରିହାର୍ଯ୍ୟ। ତେଣୁ କୋରାପୁଟର ଇଞ୍ଜିନ କାରଖାନା ତା'ର ରିଲେଭାନ୍ସ ହରାଇବା ପ୍ରଶ୍ନ ଉଠୁ ନାହିଁ। ଦ୍ୱିତୀୟ କଥା ହେଲା ଆମ ନିଜର ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଆନୁକୁଲ୍ୟରେ GTRE ଅର୍ଥାତ୍ (ଗ୍ୟାସ ଟର୍ବାଇନ ରିସର୍ଚ୍ଚ ଏଷ୍ଟାବ୍ଲିସମେଣ୍ଟ) ତିଆରି କରୁଥିବା କାବେରୀ ଇଞ୍ଜିନ ଅତିଶୀଘ୍ର ବିକଶିତ ହେବାକୁ ଯାଉଛି। ତାହା ବ୍ୟତିତ ଫ୍ରାନ୍ସ ସହାୟତାରେ ଆମେ ବର୍ତ୍ତମାନ ସ୍ୱଦେଶୀ ଜ୍ଞାନ କୌଶଳରେ ଏରୋ ଇଞ୍ଜିନ ତିଆରି କରିବାକୁ ଯାଉଛୁ। ଏମିତି ପରିସ୍ଥିତିରେ ଏରୋ ଇଞ୍ଜିନର କମର୍ସିଆଲ ପ୍ରଡକ୍ସନ କରିବା ସମୟ ଯେତେବେଳେ ଆସିବ ତାହାକୁ ସୁନାବେଡ଼ା କାରଖାନାରେ ତିଆରି କରାଯିବା ଏକ ସ୍ୱାଭାବିକ ବିକଳ୍ପ ଭାବେ ଦେଖାଯିବ ସେଥିରେ କୌଣସି ସନ୍ଦେହ ନାହିଁ। ମିଗ୍ ବିମାନ କାରଖାନା ପରେ ଓଡ଼ିଶାର ଅବଦାନ କଥା ଚିନ୍ତା କଲାବେଳେ ସ୍ୱତଃ ମନକୁ ଆସେ ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ସ୍ଥିତ ITRE ଅର୍ଥାତ୍ (ଇଣ୍ଟୀଗ୍ରେଟେଡ୍ ଟେଷ୍ଟ ରେଞ୍ଜର) ଗୁରୁତ୍ୱପୂର୍ଣ୍ଣ ଭୂମିକା। ଅଶି ଦଶକର ପ୍ରରମ୍ଭରେ ଚାନ୍ଦିପୁରକୁ କ୍ଷେପଣାସ୍ତ୍ର ପରୀକ୍ଷା ପାଇଁ ଚୟନ କରାଯାଇଥିଲା। ଏହାର ପ୍ରମୁଖ କାରଣ ହେଲା ବିସ୍ତୃତ ଅଗଭୀର ବେଳାଭୂମି ଓ ଏହାର ବିଶେଷ ଭୌଗୋଳିକ ଅବସ୍ଥିତି ଯାହାକି କ୍ଷେପଣାସ୍ତ୍ର ପରୀକ୍ଷା ପାଇଁ ଅନୁକୂଳ କରାଯାଇଥିଲା। ଏହାର କ୍ଷେତ୍ରଫଳ ପ୍ରାୟ ୨୭୭୦ ଏକର। ସ୍ଥଳ ସେନାର ଏଆର୍ ଡିଫେନ୍ସ କୋର ପାଇଁ ଏହା ସବୁଠାରୁ ମହତ୍ତ୍ୱ ପୂର୍ଣ୍ଣ। ଆର୍ମି ବ୍ୟତୀତ ଏୟାର୍ ଫୋର୍ସ ତଥା ନେଭିର ସୈନିକମାନଙ୍କୁ ମଧ୍ୟ ଏଠାରେ ପ୍ରଶିକ୍ଷଣ ଦିଆଯାଇଥାଏ। ସବୁ ପ୍ରକାର ଆଣ୍ଟି ଏୟାରକ୍ରାଫ୍ଟ ବନ୍ଧୁକ ଓ କମାଣ ବ୍ୟବହାର କରିବା ଓ ଯୁଦ୍ଧ ଭୂମିରେ ତାର ପ୍ରୟୋଗାତ୍ମକ କୌଶଳ ପାଇଁ ଏଠାରେ ଶିକ୍ଷା ଦିଆଯାଏ। କେବଳ ଯେ Anti Air Craft Gun ତା ନୁହେଁ ଏଠାର Radar ଏବଂ ଅନ୍ୟ ସବୁ Electronic System ଯାହା ଏଆର୍ ଡିଫେନ୍ସରେ ବ୍ୟବହାର କରାଯାଇଥାଏ ତାହା ଉପରେ ମଧ୍ୟ ଟ୍ରେନିଂ ଦିଆଯାଏ। ଆମ ପାଠକମାନଙ୍କୁ ଜଣାଇଦିଏ ଯେ ଅପରେସନ ସିନ୍ଦୂର ସମୟରେ ଯେଉଁ L-70 I ZU-23 Anti Aircraft Gun ପାକିସ୍ତାନୀ ଡ୍ରୋନ ବିରୁଦ୍ଧରେ ଅତ୍ୟନ୍ତ ସଫଳ ସାବ୍ୟସ୍ତ ହୋଇଥିଲା ତାହାର ପୂର୍ଣ୍ଣାଙ୍ଗ ଟ୍ରେନିଂର ଶ୍ରେୟ ଏହି ଅନୁଷ୍ଠାନ ମାଧ୍ୟମରେ ଦାବୀ କରାଯାଇପାରେ। ଠିକ୍ ସେଇଭଳି ପ୍ରଶିକ୍ଷଣ ପାଇଁ ଭାରତୀୟ ନୌସେନା ବାହିନୀ ପାଇଁ INS ଚିଲିକାର ଭୂମିକା ମହତ୍ତ୍ୱପୂର୍ଣ୍ଣ। ଆମ ଓଡିଶାର ବାଲୁଗାଁ ସ୍ଥିତ INS ଚିଲିକା ଫେବୃଆରି ୧୯୮୦ ମସିହାରେ ସ୍ଥାପିତ ହୋଇଥିଲା। ସେହିଦିନ ଠାରୁ ଅଫିସର ମାନଙ୍କ ବ୍ୟତୀତ ଭାରତୀୟ ନୌସେନା ତଥା କୋଷ୍ଟ ଗାର୍ଡର ସମସ୍ତ ନୌ-ସୈନିକମାନଙ୍କ ପାଇଁ ଏହା ପ୍ରମୁଖ ପ୍ରଶିକ୍ଷଣ କେନ୍ଦ୍ରର ଭୂମିକା ତୁଲାଇ ଆସୁଅଛି। ଏଠାରେ ସେମାନଙ୍କୁ ମୌଳିକ ନାଭାଲ ମିଲିଟାରୀ ଅନୁଶାସନ, ଡ୍ରିଲ, ଫିଜିକାଲ୍ ଫିଟ୍‌ନେସ ଟ୍ରେନିଙ୍ଗ, ସନ୍ତରଣ, ଡ଼ାଇଭିଂ

# ୫ ଏକର ଜମିରେ ହୋଇଥିଲା ଅଫିମ ଚାଷ

ରାଜ୍ୟର ବୃହତ୍ ବେଆଇନ୍ ଅଫିମ କିଆରିରେ ଚଢ଼ଉ



**କୋଇଡ଼ା (ଭିଓଭି) :** କୋଇଡ଼ା ଥାନା ଅନ୍ତର୍ଗତ ପୁଣ୍ଡିପୋଖରୀ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଗଛ କାଟି ପ୍ରାୟ ୫ ଏକର ଜମିରେ ଅଫିମ ଚାଷ କରାଯାଇଥିଲା। ଯାହାକି ଗଛଗୁଡ଼ିକ ବଡ଼ ହୋଇ ଫୁଲ ମଧ୍ୟ ଆସି ଯାଇଥିଲା। କୌଣସି ସୂତ୍ରରୁ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଖବର ପାଇ ଏହାକୁ ଚଢାଉ ପାଇଁ ନିର୍ଦ୍ଦେଶ ଦେଉଥିଲେ । ନିର୍ଦ୍ଦେଶ କ୍ରମେ ବଣାଇଁ ଉପଖଣ୍ଡ ପୁଲିସ୍ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ କୋଇଡା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ, କେ ବଲାଙ୍ଗ ଥାନା ଅଧିକାରୀ ଅଶୋକ ବେହେରା ଏବଂ ଅବକାରୀ ବିଭାଗ ଅଧିକାରୀ ହେମନ୍ତ ମହାନନ୍ଦିଆ ଦଳ ମିଳିତରେ ଆଜି ଅଫିମ ଚାଷ ଉପରେ ଚଢ଼ାଉ କରିଥିଲେ। ଏହି ଚାଷ ପଛରେ ଓଡ଼ିଶାରୁ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ପର୍ଯ୍ୟନ୍ତ ଚେର ଲମ୍ବି ଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ମିଳିଛି ବୋଲି ପୋଲିସ ପ୍ରକାଶ କରିଛି। ଦୁଇ ଜଣକୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଏଠାରେ ପ୍ରଶ୍ନ ଉଠେ ଏହି ଅଞ୍ଚଳରେ ହାତୀଙ୍କ ରାଜ ଚାଲିଛି। ହାତୀଙ୍କୁ ଘୋଉଡ଼ାଇବା ପାଇଁ ସ୍କ୍ୱାଡ୍ ଗଠନ ହୋଇଛି। ଏତେ ଗଛ କାଟି ୫ ଏକର ଜାଗାରେ ଅଫିମ ଚାଷ ହେଲା ଜଙ୍ଗଲ ବିଭଗ ଜାଣି ପାରିଲା ନାହିଁ କେମିତି ଏହା ପଛରେ କି ରହସ୍ୟ ଲୁଚି ରହିଛି । ଆଉ ସବୁଠାରୁ ବଡ କଥା କୋଇଡାରେ ଅବକାରୀ ଥାନା ଥାଇ ଏହାର ଅଧିକାରୀ ପ୍ରାୟତ ସବୁବେଳେ ଗାଁ ଗଣ୍ଡା ଗୁଡିକରେ ଚୋରା ନିଶା କାରବାର ଉପରେ ନଜର ରଖୁଥିବା କହୁଥିବା ସମୟରେ କିପରି ଚାଷ ହୋଇ ଛୋଟରୁ ବଡ ହୋଇ ଫୁଲ ଫୁଟିଲା ଟେର ପାଇଲାନି କୋଇଡା ଅବକାରୀ ବିଭାଗ ଅଫିସର୍ ଏକ ବଡ ପ୍ରଶ୍ନ ହୋଇ ଠିଆ ହୋଇଛି ।

# ପାରାଦୀପ ବେଳାଭୂମିରେ ହେବ ଶ୍ରୀଜଗନ୍ନାଥ ମହୋତ୍ସବ



**ପାରାଦୀପ (ଭିଓଭି) :** ପାରାଦ୍ୱୀପ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପାରାଦ୍ୱୀପ ବେଳାଭୂମିରେ ହେବାକୁ ଯାଉଥିବା ଶ୍ରୀଜଗନ୍ନାଥ ମହୋତ୍ସବ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ବୁଦ୍ଧିଜୀବୀଙ୍କ ଅନୁରୋଧ କ୍ରମେ ପୁରୀ ଜଗନ୍ନାଥ ଧାମରୁ ଶ୍ରୀକ୍ଷେତ୍ର ଅଭିଜ୍ଞ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ ସମେତ ପଣ୍ଡିତମାନେ ଯୋଗଦାନ କରିଥିଲେ । ଶ୍ରୀ ରଥଶର୍ମାଙ୍କ ସୂଚନା ଅନୁସାରେ ଆଗାମୀ ମଇ ୨୭ ତାରିଖ ଠାରୁ ୯ ଦିନ ବ୍ୟାପି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପାରାଦ୍ୱୀପର ବେଳାଭୂମି ଅନୁରୂପ ଶ୍ରୀକ୍ଷେତ୍ର ପାଲଟିବ ଏବଂ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ସହ, ୫୬ ଭୋଗ, ଆନନ୍ଦ ବଜାରରେ ଶ୍ରୀକ୍ଷେତ୍ରର ସୁଆର ସେବକଙ୍କ ଦ୍ୱାରା ମହାପ୍ରସାଦ ରନ୍ଧନ ସହ, ଶ୍ରୀକ୍ଷେତ୍ରର ଅଭିଜ୍ଞ ପଣ୍ଡିତମାନଙ୍କ ଦ୍ୱାରା ଶ୍ରୀବିଷ୍ଣୁ ମହାଯଜ୍ଞ, ଶ୍ରୀଜଗନ୍ନାଥ ପୁସ୍ତକ ମେଳା ସହ ସନ୍ଧ୍ୟାରେ ଓଡିଶା ଏବଂ ଓଡିଶା ବାହାରର ବିଭିନ୍ନ ସାଧୁସନ୍ଥମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଚରିତାମୃତ ଶ୍ରବଣର ସୁଯୋଗ ପାଇବେ ପାରାଦ୍ୱୀପ ବାସୀ । ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ମିଳିବାପରେ ଅଞ୍ଚଳବାସୀଙ୍କ ମନରେ ଆନନ୍ଦ ଖେଳିଯାଇଛି।

# ଅଣ୍ଟା ଭିଡ଼ିଲେ ସୁଶ୍ରୀତା : ସ୍ୱାବଲମ୍ବୀ ହେବେ ମହିଳା




**ପାରାଦୀପ (ଭିଓଭି) :** ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତିକୁ ପୂରଣ କରିବାକୁ ମହିଳାମାନଙ୍କ ପାଖରେ ପହଞ୍ଚିଛନ୍ତି ପାରାଦୀପ ବିଧାୟକ ତଥା ଓଡିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଧର୍ମପତ୍ନୀ ସୁଶ୍ରୀତା ସାହୁ । ଗତ ସାଧାରଣ ନିର୍ବାଚନ ସମୟରେ ଶିଳ୍ପମନ୍ତ୍ରୀଙ୍କ ପାଇଁ ଭୋଟଭିକ୍ଷା ପାଇଁ ବିଭିନ୍ନ ପଞ୍ଚାୟତ ଓ ୱାର୍ଡମାନଙ୍କରେ ମହିଳାମାନଙ୍କ ପାଖରେ ପହଞ୍ଚିଥିଲେ ସୁଶ୍ରୀତା। ଷଣ୍ଢକୁଦ ବସ୍ତିର ତିନିଗୋଟି ୱାର୍ଡର ସ୍ୱୟଂ ସହାୟିକା ମହିଳାମାନେ ସେମାନଙ୍କ ଅସୁବିଧା ଜଣେଇବା ସହିତ ମହିଳାମାନଙ୍କ ପାଇଁ ଏକ ଗୃହର ବନ୍ଦୋବସ୍ତ କରିବାକୁ କହିଥିଲେ। ସମ୍ପଦ ଚନ୍ଦ୍ର ସ୍ୱାଇଁ ମନ୍ତ୍ରୀ ହେବାପରେ ପୂର୍ବରୁ ଯେଉଁଭଳି ଲୋକଙ୍କ ପାଖରେ ପହଞ୍ଚୁଥିଲେ ଆଜି ବି ସେହିଭଳି ଲୋକଙ୍କ ପାଖରେ ପହଞ୍ଚିବା ସହିତ ନିର୍ବାଚନ ମଣ୍ଡଳୀବାସୀଙ୍କ ପ୍ରିୟନେତା ପାଲଟିଛନ୍ତି। ମନ୍ତ୍ରୀଙ୍କ ପଥ ଅନୁସରଣ କରି ତାଙ୍କ ଧର୍ମପତ୍ନୀ ନିର୍ବାଚନ ସମୟରେ ମହିଳାମାନଙ୍କୁ ଦେଇଥିବା ପ୍ରତିଶୃତି ପାଳନ କରିବା ସହିତ ସ୍ୱୟଂସହାୟିକା ମାନଙ୍କ ପାଇଁ ଏକ ଗୃହ ନିର୍ମାଣ ପାଇଁ ସ୍ଥାନ ଦେଖିବା ସହିତ ଏହାକୁ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ମୁନିସିପାଲିଟିର ଯନ୍ତ୍ରୀଙ୍କୁ କହିଛନ୍ତି । ଷଣ୍ଢକୁଦ ବସ୍ତିର ୧୮ ନମ୍ବର ୱାର୍ଡରେ ଆୟୋଜିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ସୁଶ୍ରୀତା ସାହୁଙ୍କ ସହିତ ନଗର ସଭାପତି ସୁବ୍ରତ ପ୍ରଧାନ, ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂଙ୍କୁ ସ୍ୱୟଂସହାୟିକା ଗୋଷ୍ଠୀର ଶତାଧିକ ମହିଳା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ କଥାଦେଇ କଥା ରଖିଥିବାରୁ ଶିଳ୍ପମନ୍ତ୍ରୀ ଓ ତାଙ୍କ ଧର୍ମପତ୍ନୀଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି ।



# 'ସ୍ମୃତିରେ ସ୍ମୃତିରେ' ପୁସ୍ତକ ଉନ୍ମୋଚିତ

**ଖୋର୍ଦ୍ଧା, ୭।୨ (ସ୍ୱାଧିକାର ନ୍ୟୁଜ) :** ଜଟଣୀ ରାମଚନ୍ଦ୍ରପୁରଠାରେ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ଡ.ପ୍ରମୋଦ ଚନ୍ଦ୍ର ଦାଶ ଏବଂ ମଦନ ମୋହନ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ପଣ୍ଡିତ ରମାକାନ୍ତ ରଥ, ସତ୍ୟବାଦୀ ବଳିୟାର ସିଂହ, ସୁଦର୍ଶନ ମହାପାତ୍ର, ବିନାୟକ ରଥ, ପ୍ରତାପ କୁମାର ପ୍ରଧାନ , ସୁରେଶ କୁମାର ମିଶ୍ର, ହରିହର ସାମନ୍ତରାୟ, ଯୁଧିଷ୍ଠିର ପରିଡା, ଖଗେଶ୍ୱର ମାର୍ଥା, ଜବାହାରଲାଲ ସୁବୁଦ୍ଧି, ତ୍ରିଲୋଚନ ମହାପାତ୍ର, ସୀତାକନ୍ତ ଶତପଥି, ଶ୍ୟାମସୁନ୍ଦର ତ୍ରିପାଠୀ, ସୁରେଶ ଚନ୍ଦ୍ର ସ୍ୱାଇଁ, ଡ.ସୁକାନ୍ତି ମହାପାତ୍ର, ଆଦୀନାରାୟଣ ଖଣ୍ଡୁଆଳ, ପଦ୍ମନାଭ ପାଣିଗ୍ରାହୀ, ବ୍ରଜବନ୍ଧୁ ନାୟକ, ସତ୍ୟବାଦୀ ସାହୁ, ସୁରେଶ ଚନ୍ଦ୍ର ରଥ, ଶରତ ଚନ୍ଦ୍ର ଦାଶ, ଅମ୍ରିତା ସାମଲ, କାଦମ୍ବିନୀ ସ୍ୱାଇଁ ଙ୍କ ସହ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୨୦୦ରୁ ଅଧିକ ପାଲାକାର, ସାହିତ୍ୟିକମାନେ ଭାଗ ନେଇ ମହାନ୍ ଆତ୍ମାର ସ୍ମୃତି ଚାରଣ କରିଥିଲେ ।

# କୋଠଘର ନିକଟରେ ବସିଥିବା ବେଳେ ହାତୀ ଝିଙ୍କିନେଇ ଚକଟି ଦେଲା



**ରଣପୁର (ଭିଓଭି) :** ଗତ ଦୁଇଦିନ ତଳେ କେରଣ୍ଡାଟାଙ୍ଗୀ ପଞ୍ଚାୟତ କୁକୁଡାଝରି ଗ୍ରାମରେ ଦନ୍ତା ହାତୀ ଜଣକୁ ଆକ୍ରମଣ କରିଥିବା ବେଳେ ସେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଶୁକ୍ରବାର ରାତ୍ର ୮ଟା ବେଳେ ମହତପଲ୍ଲୀ ଗ୍ରାମପଞ୍ଚାୟତର ବିରୁଡ଼ା ଗ୍ରାମ କୋଠଘର ନିକଟରେ ଭିକାରି ବେହେରା (୫୦) ନାମକ ଜଣେ ବ୍ୟକ୍ତି ବସିଥିବା ବେଳେ ହଠାତ ଏକ ହାତୀ ତାଙ୍କୁ ଶୁଣ୍ଢରେ ଉଠାଇ ନେଇ ଚକଟି ଦେଇଥିଲା । ଫଳରେ ହାତୀ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଜଣକ ରକ୍ତାକ୍ତ ହୋଇ ଘଟଣାସ୍ଥଳରେ ପ୍ରାଣ ହରାଇଥିବା ସୂଚନା ମିଳିଛି । ଏହି ଖବର ଶୁଣିବା ପରେ ରାସ୍ତାଘାଟରେ ଯିବାପାଇଁ ଲୋକେ ଭୟଭୀତ ଥିବାବେଳେ ସମଗ୍ର ଆଖପାଖ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି । ଏହିଭଳି ଘଟଣା ବାରମ୍ବାର ଘଟୁଥିବା ସହ ଲୋକମାନଙ୍କର ଫସଲ ଓ ଧନ ଜୀବନ ପ୍ରତି ବିପଦ ଲାଗିରହିଥିବା ବେଳେ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି ।

# ହୁବେଇ ଡ୍ୟାମ



କାର୍ତ୍ତିକ ଚନ୍ଦ୍ର ପଣ୍ଡା

**ଜଣା ଅଜଣା**

ବିଶ୍ୱର ସର୍ବାଧିକ ଜଳଧାରଣ କ୍ଷମତା ଥିବା (୩୯.୩ ଲକ୍ଷ କ୍ୟୁବିକମିଟର) ହୁବେଇ ଡ୍ୟାମ, ଚାଇନାର ଗୌରବ । ଡ୍ୟାମଟି ଏତେ ବଡ଼ ଯେ ଏହା ବାହାରିନ ଦେଶ ସହିତ ସମାନ । ନାସା ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଏହି ବିଶାଳକୃତି ଡ୍ୟାମ ନିର୍ମାଣ ବେଳେ ପୃଥିବୀର ଘୂର୍ଣ୍ଣନ ପ୍ରକ୍ରିୟା ୦.୦୬ ମାଇକ୍ରୋ ସେକେଣ୍ଡ ବିଳମ୍ବିତ ହୋଇଥିଲା ।

ହୁବେଇଡ୍ୟାମ ଚାଇନାର ସ୍ୟାଣ୍ଟୁପିଙ୍ଗ ସହର ନିକଟବର୍ତ୍ତୀ ୟାଙ୍ଗତେଜ୍ ନଦୀ ଉପରେ ନିର୍ମିତ । ୟାଙ୍ଗତେଜ ନଦୀ ଚାଇନାର ସର୍ବାଧିକ ଜଳ ପ୍ରବାହିତ ହେଉଥିବା ଦୀର୍ଘତମ ନଦୀ । ୟିଲିଙ୍ଗ ଜିଲ୍ଲା ଅନ୍ତର୍ଗତ ହୁବେଇ ପ୍ରଗଣାରେ ଏହାର ଅବସ୍ଥିତି ଥିବାରୁ ଏହାର ଏପରି ନାମକରଣ କରାଯାଇଛି । ଏହାକୁ Three George Dam ମଧ୍ୟ କୁହାଯାଏ ।

ଏହା ବିଶ୍ୱର ସର୍ବବୃହତ ଜଳବିଦ୍ୟୁତ ଶକ୍ତି ଉତ୍ପାଦନ କେନ୍ଦ୍ର । ଏହାକୁ ସର୍ବାଧିକ ୨୨୫୦୦ ଟେରାୱାଟ ବିଜୁଳି ଉତ୍ପାଦନ ଲକ୍ଷ୍ୟ ରଖି ନିର୍ମାଣ କରାଯାଇଛି । ୨୦୧୪ରେ ଏହା ବିଶ୍ୱରେ ସର୍ବାଧିକ ୯୮.୮ ଟେରାୱାଟ ଆର୍ସ ବିଜୁଳି ଉତ୍ପାଦନ କରି ରେକର୍ଡ କରିଥିଲା । ପୂର୍ବରୁ ବ୍ରାଜିଲ-ଉରୁଗୁଏର ଏକ ନମ୍ବର ଇଟାଇପୁ ଡ୍ୟାମର ରେକର୍ଡକୁ ଭାଙ୍ଗିଥିଲା ।

ଜଳବିଦ୍ୟୁତ ଉତ୍ପାଦନ, ଗମନାଗମନ, ଓ ବନ୍ୟା ନିୟନ୍ତ୍ରଣକୁ ଆଖିଆଗରେ ରଖି ଏହି ବିଶାଳାକୃତି ଗ୍ରାମର ପରିକଳ୍ପନା କରାଯାଇଥିଲା । ପ୍ରଥମେ ଏହାର ନାମକରଣ Three George Dam ରଖା ଯାଇଥିଲା । ଏହାର ନିର୍ମାଣ କାର୍ଯ୍ୟ ଡିସେମ୍ବର ୧୪, ୧୯୯୪ ମସିହାରେ ଆରମ୍ଭ ହୋଇ ୨୦୦୩ ମସିହାରେ କାର୍ଯ୍ୟକ୍ଷମ ହୋଇଥିଲା । ୧୮୧ ମିଟର ଉଚ୍ଚ ଓ ୨୩୩୫ ମିଟର ଏକ ବିଶାଳ ଜଳ- ଆନିକଟରେ ଜଳଧାରଣ କ୍ଷମତା ୪୧ ଲକ୍ଷ କ୍ୟୁବିକ ଫୁଟ । ସମଗ୍ର ଡ୍ୟାମର ପରିସୀମା ୩୯୦୦୦୦ ସ୍କୋୟାର ମାଇଲ ଯାହାକି ବାହାରିନ ଦେଶ ସମେତ ଅନେକ ଇୟୁରୋପିୟାନ ଦେଶମାନଙ୍କ ଠାରୁ ବି ଆୟତନରେ ବଡ଼ ।

ଏହି ଡ୍ୟାମ ନିର୍ମାଣ ପାଇଁ ସେତେବେଳେ ୩୧.୭୬୫ ବିଲିଅନ ଆମେରିକିୟ ଡଲାର ଖର୍ଚ୍ଚ ହୋଇଥିଲା । ୨୫୦୦୦୦ ଶ୍ରମିକ ଓ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଶହଶହ କୁଶଳୀ ଇଞ୍ଜିନିଅର, ଦିନରାତି ଲାଗି ୧୦ ବର୍ଷ ସମୟ ସୀମା ଭିତରେ ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେଇଥିଲେ । ଶହଶହ ଗ୍ରାମ ଓ ସହରର ଲକ୍ଷ ଲକ୍ଷ ଲୋକମାନଙ୍କୁ ଏଥିପାଇଁ ବିସ୍ଥାପିତ କରାଯାଇଥିଲା ।



ଆମ ହୀରାକୁଦ ଡ୍ୟାମ ଜଳବିଦ୍ୟୁତ ପ୍ରକଳ୍ପରୁ ମାତ୍ର ୩୦୭ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେଉଥିବା ବେଳେ ଦେଶର ସବୁଠାରୁ ବଡ କୋୟନା ଡ୍ୟାମ (ମହାରାଷ୍ଟ୍ର), ୧୯୬୦ ମେଗାୱାଟ ବିଜୁଳି ଉତ୍ପାଦନ କରିଥାଏ । ସାରା ବିଶ୍ୱରେ ହୁବେଇ ଡ୍ୟାମର ୨୨୫୦୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ରେକର୍ଡ ଏବେ ବି ଅତୁଟ ରହିଛି । ଏହା ଏକାକୀ ଚାଇନାର ୧୫ ପ୍ରତିଶତ ବିଦ୍ୟୁତ ଚାହିଦା ପୂରଣ କରେ ।

- ଭୁବନେଶ୍ୱର
ମୋବାଇଲ - ୭୯୭୮୪୨୦୪୯୩

# ଶ୍ରୀନିତ୍ୟାନନ୍ଦ ମହାପ୍ରଭୁ

ଅର୍ଜୁନୀ ଚରଣ ବେହେରା

ଶ୍ରୀକୃଷ୍ଣଙ୍କ ବୈକୁଣ୍ଠ ଗମନ ସହ ଧରାରେ ଦ୍ୱାପର ଯୁଗ ଶେଷ ହୋଇ କଳି ଯୁଗର ପ୍ରବେଶ ହୋଇଥିଲା । ଭଗବାନ ମନୁଷ୍ୟ ଶରୀର ଧାରଣ କରି ଦ୍ୱାପର ଯୁଗରେ ଏକଶ ପଚିଶ ବର୍ଷ ଲୀଳା କରିଥିଲେ । ଏହା ପ୍ରମାଣ କରେ ମହାପୁରାଣ ଶ୍ରୀମଦ ଭାଗବତ:-

ବୟସ ଶତ ପଞ୍ଚ ବିଂଶ ।
କୃଷ୍ଣ ଚଳିଲେ ନିଜ ବାସ ॥

ଭଗବାନ ଶ୍ରୀକୃଷ୍ଣଙ୍କ ମହାପ୍ରୟାଣର କିଛି ଦିନ ଉତ୍ତାରେ ଯୁଧିଷ୍ଠିର କର୍ତ୍ତୃକ ପାଣ୍ଡବ ଭାଇମାନେ ଦ୍ରୌପଦୀଙ୍କ ସହିତ ଅଭିମନ୍ୟୁ ସୁତ ପୁଣ୍ୟଶ୍ଳୋକ ପରିକ୍ଷିତଙ୍କୁ ରାଜ୍ୟ ଭାର ଅର୍ପଣ କରି ହିମାଳୟ ପଥରେ ସ୍ୱର୍ଗ ଯାତ୍ରା କରିଥିଲେ । ଏ ଆର୍ଯ୍ୟାବର୍ତ୍ତରେ ଧର୍ମାତ୍ମା ପରୀକ୍ଷିତଙ୍କ ରାଜତ୍ୱ ଚାଲିଥାଏ । ଏକଦା ସେ ଅରଣ୍ୟମଧ୍ୟରେ ଭ୍ରମଣ କରୁଥିବା ଅବସରରେ ଦେଖିଲେ ଜଣେ ବିକଟାଳ ପୁରୁଷ ଖଡ୍ଗ ମୁଷ୍ଟି ହୋଇ ଗୋଟିଏ ଗାଭୀ ପଛରେ ମାରିବାକୁ ଗୋଡାଇଛି । ପରିକ୍ଷୀତ ତତ୍‌କ୍ଷଣାତ ନିଜ ଧନୁର୍ବାଣ ଉତ୍ତୋଳନ କରି, ଦୁରାତ୍ମାକୁ କ୍ଷାନ୍ତ କରି ପଚାରିଲେ,'ତୁ କିଏରେ ! ମୋ' ରାଜ୍ୟରେ ଏମିତି ଅନୀତି କରୁଛୁ ?' ସେହି କାଳପୁରୁଷ ରୂପୀ କଳି କାଳ କହିଲା, 'ମହାରାଜ ମୁଁ ଯୁଗ ପୁରୁଷ କଳି । ବର୍ତ୍ତମାନ ମୋର ମର୍ତ୍ତ୍ୟରେ ରାଜତ୍ୱ ଚାଲିବ । ମୋ ରାଜତ୍ୱରେ ହିଂସା, ଦ୍ୱେଷ, କ୍ଲେଶ, ଅହଙ୍କାର, ନାରୀ, ଚୋରି ଏ ସବୁ ବ୍ୟଭିଚାର ବ୍ୟାପୃତି ହେବ । କିନ୍ତୁ ହେ ରାଜା ! ଏ ସବୁ ଦୁର୍ଗୁଣ ସତ୍ତ୍ୱେ ମୋ ପାଖରେ ଗୋଟିଏ ସଦଗୁଣ ଅଛି । ତାହାହେଲା ମୋର ଏ ରାଜତ୍ୱ ସମୟରେ ଭଗବାନଙ୍କୁ ଲାଭ କରିବା ଅତି ସୁଲଭ । କୌଣସି ଯାଗ, ଯଜ୍ଞ, ଜପ, ତପ କିମ୍ବା କଠୋର ସାଧନାର କୌଣସି ଆବଶ୍ୟକତା ନାହିଁ । ସହଜ ସରଳ ଭାବେ ଖାଲି ଭଗବାନଙ୍କର ନାମ ସଂକୀର୍ତ୍ତନ ଦ୍ୱାରା ହିଁ ଜୀବ ମୋ ରାଜତ୍ୱରେ ମୋକ୍ଷ ଲାଭ କରି ପାରିବ ।

ନାମ ଯଜ୍ଞ ବା ନାମ ସଂକୀର୍ତ୍ତନ ହିଁ କଳି କାଳରେ ଜୀବର ଏକମାତ୍ର ମୋକ୍ଷର ମାର୍ଗ । ଏହି ମାର୍ଗକୁ ପ୍ରଚାର କରିବା ପାଇଁ ଶ୍ରୀକୃଷ୍ଣଙ୍କ ଅବତାର ଭାବେ ଆବିର୍ଭୂତ ହୋଇଥିଲେ ଶ୍ରୀ ଚୈତନ୍ୟ । ଚୈତନ୍ୟ ମହାପ୍ରଭୁ ବାଣୀ ପ୍ରଚାର କଲେ :-

**କଳି ଯୁଗେ କର ଭାଇ ନାମ ସଂକୀର୍ତ୍ତନ ।**
**ଅନ୍ନ ଦାନ ବସ୍ତ୍ର ଦାନ ବଇକୁଣ୍ଠେ ସ୍ଥାନ ॥**
**ଭାଇ ବୋଲ ବନ୍ଧୁ ବୋଲ ସମ୍ପତ୍ତିର ସାଥି ।**
**ଜୀବ ଯିବାବେଳେ ଏକା ଗୋବିନ୍ଦ ସାରଥୀ ॥**

ନାମ ମହିମା ପ୍ରଚାର କରିବାକୁ ଶ୍ରୀ ଚୈତନ୍ୟଙ୍କ ସହଯୋଗୀ ଭାବେ ଆବିର୍ଭୂତ ହୋଇଥିଲେ ମହାପ୍ରଭୁ ନିତ୍ୟାନନ୍ଦ । ଶ୍ରୀ ଚୈତନ୍ୟଙ୍କ ସହ ଉତ୍କଳର ପଞ୍ଚସଖାମାନେ ଓଡ଼ିଶା ମାଟିରେ ବୈଷ୍ଣବ ଭକ୍ତି ଧାରାର ପ୍ଲାବନ ସୃଷ୍ଟି କରିଥିଲେ । ଆମ ଓଡିଆ ସଂକୀର୍ତ୍ତନର ଲୋକପ୍ରିୟ ପଂକ୍ତିମାନଙ୍କ ଭିତରେ ଶ୍ରୀ ଚୈତନ୍ୟଙ୍କ ସହିତ ପ୍ରଭୁ ନିତ୍ୟାନନ୍ଦଙ୍କ ନାମ କୀର୍ତ୍ତନ ଦେଖାଯାଏ ଯଥା:-

**'ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ,**
**ହରେକୃଷ୍ଣ ହରେ ରାମ ଶ୍ରୀରାଧେଗୋବିନ୍ଦ'**

----

**'ଭଜ ନିତାଇ ଗୌର ରାଧେ ଶ୍ୟାମ,**
**ଜପ ହରେ କୃଷ୍ଣ ହରେ ରାମ'**



ଶ୍ରୀଚୈତନ୍ୟ ଅତ୍ୟନ୍ତ ଗୌର ବର୍ଣ୍ଣର ଥିବାରୁ ତାଙ୍କୁ ସଂକୀର୍ତ୍ତନ ପଦାବଳୀ ଗୁଡ଼ିକରେ ଗୌର, ଗୋଉର ଗୌରାଙ୍ଗ ଆଦି ନାମରେ ଅଭିହିତ କରାଯାଇଛି ଓ ଶ୍ରୀ ନିତ୍ୟାନନ୍ଦ ମହାପ୍ରଭୁଙ୍କୁ ନିତାଇ ନାମରେ ଅଭିହିତ କରାଯାଇଛି । ସଂକୀର୍ତ୍ତନ ପଦରେ ଥିବା ଶ୍ରୀନିତ୍ୟାନନ୍ଦ ବା ନିତାଇଙ୍କ ସମ୍ପର୍କରେ ସାଧାରଣ ଜନମାନସରେ ଏତେ ସ୍ପଷ୍ଟ ଧାରଣା ନାହିଁ । ସେ ହେଉଛନ୍ତି ଶ୍ରୀ ଚୈତନ୍ୟଙ୍କର ପ୍ରଧାନ ଭକ୍ତ ତଥା ସଖା । ଶ୍ରୀଚୈତନ୍ୟ ଷୋଡ଼ଶ ଶତାବ୍ଦୀର ଆଦ୍ୟ ପାଦରେ ଉତ୍କଳ ଆଗମନ ସମୟରେ ତାଙ୍କ ସହ ଛଅଜଣ ଗୋସ୍ୱାମୀ ବା ବୈଷ୍ଣବ ସନ୍ନ୍ୟାସୀ ଆସିଥିଲେ । ସେମାନେ ହେଲେ ରୂପ ଗୋସ୍ୱାମୀ, ଜୀବ ଗୋସ୍ୱାମୀ, ଶ୍ରୀ ସନାତନ ଗୋସ୍ୱାମୀ, ଶ୍ରୀ ଗୋବିନ୍ଦ ଗୋସ୍ୱାମୀ, ଗୋପାଳ ଗୋସ୍ୱାମୀ ଓ ଶ୍ରୀରଘୁନାଥ ଗୋସ୍ୱାମୀ । ପ୍ରଭୁ ନିତ୍ୟାନନ୍ଦଙ୍କ ନାମ ଏହି ଷଡ଼ ଗୋସ୍ୱାମୀଙ୍କ ଅନ୍ତର୍ଭୁକ୍ତ ନୁହେଁ ।

ମାଘ ଶୁକ୍ଳ ଚତୁର୍ଦ୍ଦଶୀ ବା ଶିବଚତୁର୍ଦ୍ଦଶୀ ମହାପ୍ରଭୁ ନିତ୍ୟାନନ୍ଦ ବା ନିତାଇଙ୍କ ଜନ୍ମଦିବସ ବୋଲି ଜଣାଯାଏ । ଶ୍ରୀ କୃଷ୍ଣଦାସ କବିରାଜ ରଚିତ ବଙ୍ଗଳା ଚୈତନ୍ୟ ଚରିତାମୃତରେ ନିତ୍ୟାନନ୍ଦ ମହାପ୍ରଭୁଙ୍କ ବର୍ଣ୍ଣନା ରହିଛି ।

ଏହି ବର୍ଣ୍ଣନା ଅନୁସାରେ ଶ୍ରୀଚୈତନ୍ୟ ହେଉଛନ୍ତି ରସର ସଦନ, ତାଙ୍କ ପ୍ରଚାରିତ ଧର୍ମ କଳିଯୁଗ ଧର୍ମ । ଚୈତନ୍ୟ ମହାପ୍ରଭୁଙ୍କ ଅନୁଗତ ଦାସମାନେ ସେହି ଧର୍ମ ଜାଣନ୍ତି ଓ ତାହା ଆସ୍ୱାଦନ କରିଥାନ୍ତି । ଏହି ରସ ଆସ୍ୱାଦନକାରୀ ମାନଙ୍କ ମଧ୍ୟରେ ପ୍ରମୁଖ ହେଉଛନ୍ତି ଅଦ୍ୱୈତ, ଶ୍ରୀନିତ୍ୟାନନ୍ଦ, ଶ୍ରୀନିବାସ, ଗଦାଧର, ଦାମୋଦର, ମୁରାରି ଓ ଶ୍ରୀ ହରି ଦାସ ।

ଶ୍ରୀଚୈତନ୍ୟ ଚରିତାମୃତର ପଞ୍ଚମ ପରିଚ୍ଛେଦରେ ଶ୍ରୀଚୈତନ୍ୟ ଓ ଶ୍ରୀ ନିତ୍ୟାନନ୍ଦଙ୍କୁ 'ପ୍ରଭୁ' ବୋଲି କୁହା ଯାଇଛି । ସେହି ପରିଚ୍ଛେଦଟି ଅନନ୍ତ, ଅଦ୍ଭୁତ, ଐଶ୍ୱର୍ଯ୍ୟବାନ୍ । ଈଶ୍ୱର ମହାପ୍ରଭୁ ନିତ୍ୟାନନ୍ଦଙ୍କର ବନ୍ଦନା । ସେଥିରେ ମହାପ୍ରଭୁ ଶ୍ରୀଚୈତନ୍ୟ ଓ ଶ୍ରୀ ନିତ୍ୟାନନ୍ଦଙ୍କୁ ଦୁଇଟି ଚନ୍ଦ୍ର ବୋଲି କୁହାଯାଇଛି । ପଦଟି ହେଉଛି :-

''ଜୟଜୟ ଶ୍ରୀଚୈତନ୍ୟ ଜୟ ନିତ୍ୟାନନ୍ଦ,
ଜୟ ଦ୍ୱୈତଚନ୍ଦ୍ର ଜୟ ଗୌର ଭକ୍ତବୃନ୍ଦ ।''

ଶ୍ରୀଚୈତନ୍ୟଙ୍କ ବୈଷ୍ଣବ ଅନୁଗାମୀ ଭକ୍ତମାନଙ୍କ ବିଶ୍ୱାସ, ଶ୍ରୀଚୈତନ୍ୟ ହେଉଛନ୍ତି କୃଷ୍ଣ ଏବଂ ଶ୍ରୀ ନିତ୍ୟାନନ୍ଦ ବଳରାମ । ବର୍ଣ୍ଣନା ଅଛି :-

''ସେଇ କୃଷ୍ଣ ନବଦ୍ୱୀପେ ଶ୍ରୀଚୈତନ୍ୟ ଚନ୍ଦ୍ର
ସେଇ ବଳରାମ ସଙ୍ଗେ ଶ୍ରୀ ନିତ୍ୟାନନ୍ଦ ।''

ପୁଣି ଗୌଡ଼ୀୟ ବୈଷ୍ଣବଧର୍ମ ଅନୁଗାମୀ ମାନଙ୍କ ବିଶ୍ୱାସ, ଏ ଦୁହେଁ ଭିନ୍ନ ସ୍ୱରୂପ ହେଲେ ମଧ୍ୟ ଏକ କାୟା । ଏଣୁକରି ଶ୍ରୀଚୈତନ୍ୟ ପ୍ରଚାରିତ ବୈଷ୍ଣବ ଧର୍ମରେ ଶ୍ରୀନିତ୍ୟାନନ୍ଦଙ୍କର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି ।

ନିତ୍ୟାନନ୍ଦ ମହାପ୍ରଭୁ ୧୪୭୪ ଖ୍ରୀଷ୍ଟାବ୍ଦରେ ପଶ୍ଚିମବଙ୍ଗ ବୀରଭୂମ ଜିଲ୍ଲାର ଏକଚକ୍ର ଗ୍ରାମରେ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଭୂମିଷ୍ଠ ହୋଇଥିଲେ । ତାଙ୍କ ପିତାଙ୍କ ନାମ ଥିଲା ପଣ୍ଡିତ ହାଡାଇ ଏବଂ ମାଆ ଥିଲେ ପଦ୍ମାବତୀ । ବାଲେଶ୍ୱରର ରେମୁଣା ଠାରେ ଥିବା ପ୍ରଭୁ ଶ୍ରୀ କ୍ଷୀରଚୋରା ଗୋପୀନାଥ ଯେଉଁ ମାଧବେନ୍ଦ୍ର ପୁରୀଙ୍କ ପାଇଁ କ୍ଷୀର ଚୋରି କରିଥିଲେ ସେ ଥିଲେ ତାଙ୍କର ଗୁରୁ । ନିତ୍ୟାନନ୍ଦ ସଂକୀର୍ତ୍ତନ ପ୍ରଚାର କରୁଥିଲା ବେଳେ ଏକଦା ଜଗାଇ ମାଧାଇ ନାମକ ଦୁଇ ଜଣ ତାଙ୍କୁ ତାଙ୍କୁ ଆକ୍ରମଣ କଲେ । ପ୍ରଭୁ ତାଙ୍କୁ ହରି ନାମ ଶ୍ରବଣ କରାଇ ବଶିଭୂତ କରିଥିଲେ ଓ ଦୁହେଁ ପରବର୍ତ୍ତୀ କାଳରେ ଶ୍ରୀହରିଙ୍କ ପରମ ଭକ୍ତରେ ରୂପାନ୍ତରିତ ହୋଇଥିଲେ । ଏଣୁ କୁହା ଯାଇଛି :-

'ହରିବୋଲ ବୋଲ ଭାଇ, ହରିବୋଲ ଭାଇ
ହରିନାମେ ତରିଗଲେ ଜଗାଇ ମାଧାଇ'

ଶ୍ରୀ ନରୋତ୍ତମ ଦାସ ପ୍ରଭୁ ଶ୍ରୀନିତ୍ୟାନନ୍ଦଙ୍କ ଗୁଣ କୀର୍ତ୍ତନ କରି ଗାଇଛନ୍ତି :-

**ପତିତ-ପାବନ-ହେତୁ ତବ ଅବତାର ।**
**ମୋ ସମ ପତିତ ପ୍ରଭୁ ନା ପାଇବେ ଆର ॥**
**ହା ହା ପ୍ରଭୁ ନିତ୍ୟାନନ୍ଦ, ପ୍ରେମାନନ୍ଦ ସୁଖୀ ।**
**କୃପାବଲୋକନ କର ଆମି ବୋରୋ ଦୁଃଖୀ ॥**

ଜୟ ପ୍ରଭୁ ନିତ୍ୟାନନ୍ଦ

ମୋ - ୭୬୯୩୦୯୧୯୭୧

## ସଂପାଦକୀୟ

# ଭୃଗୁ ଗୋଏଲ

**ଶୀ**ର୍ଷକରେ ଲେଖା ଥିବା ନାମଧାରୀ ବ୍ୟକ୍ତି ପ୍ରକୃତରେ କିଏ ଅଛନ୍ତି କି ନାହିଁ ମୁଁ ଜାଣିନି କିନ୍ତୁ ଏ ନାଁଟି ମୋର ବୃତ୍ତିଗତ ଜୀବନରେ ସଙ୍କଟମୋଚକ ଭଳି ଅନେକଥର ଆସିଛନ୍ତି। ବେଳେ ବେଳେ ଗୁଲିଖଟିରୁ ଅନେକ ଉପଲବ୍ଧି ଓ ନୀତିଶିକ୍ଷା ମିଳିଥାଏ। ମୋ ଜୀବନର ଏକ ଅନୁଭୂତି ଆଜି ଲେଖୁଛି। ଏହା ୨୦୦୧ ମସିହା ଡିସେମ୍ବର ମାସର କଥା। ନୂଆ କରି ଏକ ବେସରକାରୀ ବୀମା କମ୍ପାନୀର ପରାମର୍ଶଦାତା ଭାବେ କାମ ଆରମ୍ଭ କରିବା ପୂର୍ବରୁ ଶାଖା ପରିଚାଳକ ଏକ ସାକ୍ଷାତକାର ନେବାର ପ୍ରକ୍ରିୟା ଥାଏ। ମୋ ଟିମ୍ ମ୍ୟାନେଜର ପ୍ରଭାତ ବାବୁ ଦେଇଥିବା ସମୟ ଅନୁସାରେ ନିର୍ଦ୍ଧାରିତ ସମୟର ଦଶ ମିନିଟ୍ ପୂର୍ବରୁ ଯାଇ ମୁଁ ଅଫିସରେ ପହଞ୍ଚିଗଲି। ତତ୍କାଳୀନ ଶାଖା ପରିଚାଳକ ମନୋରଞ୍ଜନ ସାହୁ ବହୁତ୍ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଭାବେ ଦୂରରୁ ପରିଲକ୍ଷିତ ହେଉଥାନ୍ତି। ଚନ୍ଦା ମୁଣ୍ଡ, ଖଇରିଆ ରଙ୍ଗର ଦାଢି ସହିତ ପାନ ଖିଆ ଲାଲ ରଙ୍ଗର ଦାନ୍ତ। ମୁହଁରେ ଅଦ୍ଭୁତ ହସ ହସି କାହା ସହ ଟେଲିଫୋନରେ କଥା ହେଉଥାନ୍ତି। ମୁଁ ପୂର୍ବରୁ କମ୍ପ୍ୟୁଟର ପ୍ରିଣ୍ଟର ନିମନ୍ତେ ଉଦ୍ଦିଷ୍ଟ ପେପର୍ ମାର୍କେଟିଂ କାମ ପାଇଁ ଓଡ଼ିଶା ଓ ବାହାର ରାଜ୍ୟର ଅନେକ ସଂସ୍ଥାର ବଡ ବଡ ପଦାଧିକାରୀମାନଙ୍କ ସହ ଯୋଗାଯୋଗ ଓ ଆଲୋଚନା କାମ କରିଥିବାରୁ କାହାକୁ ଭେଟିବା ଓ ଆଲୋଚନା ପାଇଁ ମନରେ ଭୟ ନଥାଏ। ମୋ ସାକ୍ଷାତକାର ସମୟ ଆସିଲା, ମନୋରଞ୍ଜନ ସାହୁଙ୍କ ସହ ଭଲ ଆଲୋଚନା ମଧ୍ୟ ହେଲା। ଏହି ସମୟ ମଧ୍ୟରେ ତାଙ୍କର କଥାବାର୍ତ୍ତା କରିବାର ଷ୍ଟାଇଲ ଓ ଯୁକ୍ତିଯୁକ୍ତ କଥା ମୋତେ ପ୍ରଭାବିତ କରି ସାରିଥିଲା। ଆଲୋଚନାର ଶେଷ ପର୍ଯ୍ୟାୟରେ ସେ ମୋତେ ମୁଁ ଜାଣିଥିବା ୧୦୦ଜଣ ଲୋକଙ୍କ ନାମ ଓ ଠିକଣା ଅଧଘଣ୍ଟା ମଧ୍ୟରେ ଲେଖିବା ପାଇଁ କହିଲେ। ସେତେବେଳେ ଏସବୁକୁ ପ୍ରସପେକ୍ଟ ଲିଷ୍ଟ ବା ସମ୍ଭାବ୍ୟ ଗ୍ରାହକ ତାଲିକା ବୋଲି କୁହାଯାଉଥିଲା। ଜଣେ ପରାମର୍ଶଦାତା ଭାବେ ଲାଇସେନ୍ସ ପାଇସାରିବା ପରେ ନିଜ କମ୍ପାନୀର ଉତ୍ପାଦ ବିକ୍ରି କରିବା ପାଇଁ ଜଣେ ଯେଉଁମାନଙ୍କ ପାଖକୁ ଯିବ ସେହି ତାଲିକା ଆରମ୍ଭରୁ ପ୍ରସ୍ତୁତ କରି ରଖିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ୧୦୦ଟି ନାମ ଅଳ୍ପ ସମୟ ଭିତରେ ଅକ୍ଲେଶରେ ଲେଖିବାର ପ୍ରତିଶ୍ରୁତି ଦେଇ ମୁଁ ଲେଖିବାରେ ଲାଗିଗଲି। ୭୦-୭୫ଟି ନାମ ଲେଖି ସାରିବା ପରେ ମୁଁ ଭାବିବା ଓ ଝୁଣ୍ଟିବା ଆରମ୍ଭ କରିସାରିଥାଏ। ୯୦ ପରେ କଲମ ଧୀର ହେବାର ଦେଖି ମ୍ୟାନେଜର ପ୍ରଭାତ ବାବୁ ପାଖକୁ ଆସି ପଚାରିଲେ ଆଉ ନାମ ମନେ ପଡୁନି କି ? ମୁଁ କୌଣସି ଉତ୍ତର ନଦେବା ଦେଖି କହିଲେ ଆପଣଙ୍କ ପୁଅ ଆଉ ପୁତୁରା ମାନଙ୍କ ନାମ ଲେଖି ଦେଉ ନାହାନ୍ତି। ମୁଁ ପଚାରିଥିଲି ସେମାନେ କଣ ଆମ ଗ୍ରାହକ ହେବେ କି ? ସେମାନେ ତ ଛୋଟ ପିଲା। ତାଙ୍କ ଉତ୍ତର ଥିଲା ଏବେ ଯାହା ତାହା କରି ୧୦୦ଟି ନାମ ଦେଇ ଦେବା, ପରେ ଦେଖିବା। ସହଜ ବାଟକୁ ଆପଣେଇ ମୁଁ ପୁଅ, ପୁତୁରାମାନଙ୍କ ନାମ ଲେଖିଲି। ଶେଷରେ ଯାଇ ୯୯ରେ ପହଁଚିଗଲା ବେଳକୁ ସ୍ୱୟଂ ମନୋରଞ୍ଜନ ସାହୁ ଆସି ମୋ ପାଖରେ ପହଞ୍ଚି ଯାଇଥାଆନ୍ତି। ପଚାରିଲେ ନାମ ଲେଖା ସରିଲା ? ୧୦୦ ତମ ନାମଟି ସହଜେ ମୋର ମନେ ପଡୁ ନଥାଏ, ଆଉ ସେତେବେଳକୁ ମୋ ପାଖରେ ତାଙ୍କର ଉପସ୍ଥିତି ମୋତେ ଆହୁରି ବିବ୍ରତ କରି ଦେଇଥାଏ। ତାଙ୍କ ଠାରୁ ଶେଷ ନାମଟି ଲେଖନ୍ତୁ ବୋଲି ପୁନଃ ଶୁଣିବା ସଙ୍ଗେ ସଙ୍ଗେ ମୁଁ 'ଭୃଗୁ ଗୋଏଲ' ବୋଲି ଲେଖି ସାରିଥାଏ। ଠିକଣା ଲେଖନ୍ତୁ ବୋଲି ସେ ସେହିଠାରେ ଛିଡା ହୋଇ କହୁଥାନ୍ତି। ମୁଁ କିଛି ନଭାବି ରବି ଟକିଜ୍, ଭୁବନେଶ୍ୱର ବୋଲି ଲେଖି ଦେଲି। ସେହି ନାମଟି ମୋ ମନକୁ କେମିତି ଓ କାହିଁକି ଆସିଲା ତାହା ଈଶ୍ୱରଙ୍କୁ ଜଣା। ତାଲିକାଟି ଶାଖା ପରିଚାଳକଙ୍କ ପାଖରେ ରହିଲା। ପରୀକ୍ଷା ପାସ କରିବା ପରେ ପ୍ରଥମ ଦିନ ମୁଁ ଗୋଟିଏ ଦିନରେ ୧୪ଟି ପଲିସି ପ୍ରପୋଜାଲ୍ ଲଗ୍ଇନ୍ କରିଥିବାରୁ ମନୋରଞ୍ଜନ ସାର୍ ମୋ ନାମ ବି ମନେ ରଖି ଦେଇଥାନ୍ତି। ୨୦୦୨ମସିହା ଏପ୍ରିଲ ମାସ। ଖାଇ ପିଇ ମୁଁ ଘରେ ଟିକେ ବିଶ୍ରାମ ନେଇଥାଏ। ହଠାତ୍ ମନୋରଞ୍ଜନ ସାହୁଙ୍କ ଫୋନ୍ ଆସିଲା। ମୋବାଇଲ୍‌ରେ ଇନ୍-କମିଂ (କଲ ଗ୍ରହଣ) ପାଇଁ ସେତେବେଳେ ପଇସା କଟିଯାଉଥାଏ। ସାରଙ୍କ ଫୋନ୍ ବୋଲି ବାଧ୍ୟହୋଇ ଉଠାଇଲି। ସେପଟୁ ଗମ୍ଭୀର ସ୍ୱରରେ ପଚାରିଲେ କୋଉଠି ଅଛ ? ମୁଁ ଟିକେ ଇତସ୍ତତଃ ହୋଇ କହିଦେଲି ରବି ଟକିଜ ପାଖରେ, ସେପଟୁ ସାର୍ କହିଲେ ତୁମ ପ୍ରସ୍ପେକ୍ଟ ଲିଷ୍ଟରେ ଲେଖା ଥିବା ଶେଷ ନାମ ଭୃଗୁ ଗୋଏଲ ଆଉ ତାଙ୍କ ଠିକଣା ବି ରବି ଟକିଜ୍। ତାଙ୍କ ପାଖକୁ ଯାଇଛ କି, ମୁଁ ବାଧ୍ୟ ହୋଇ ତାଙ୍କ କଥାରେ ହଁ ଭରିଦେଲି। ସାର୍ ସଙ୍ଗେ ସଙ୍ଗେ କହିଲେ ତୁମେ ସେହିଠାରେ ଅପେକ୍ଷା କର, ମୁଁ ଆସୁଛି ଆମେ ଦୁହେଁ ମିଶି ତାଙ୍କୁ ଭେଟ କରିବା। ମୋ ମୁଣ୍ଡରେ ଯେମିତି ଗୋଟେ ଚଡ଼କ ପଡ଼ିବା ଭଳି ଲାଗିଲା। ଘରେ ଶୋଇ ମିଛରେ କହିଲି ରବି ଟକିଜ୍, ଏପଟେ ପୁଣି ଅଦୃଶ୍ୟ ନାମ ଭୃଗୁ ଗୋଏଲ। ଦୁଇଟା ଯାକ ମିଛକୁ କେମିତି ମ୍ୟାନେଜ କରିବି ଭାବି ଡ୍ରେସ ପିନ୍ଧି ତୁରନ୍ତ ବାଇକ୍ ଷ୍ଟାର୍ଟ କରି ଗାଡ଼ି ଛୁଟାଇଲି ରବି ଟକିଜ୍ ପାଖକୁ। ବାଟରେ ମୁଁ ମୋର ପ୍ଲାନ ପ୍ରସ୍ତୁତ କରି ଦେଇଥାଏ। ମୁଁ ପହଞ୍ଚିବାର ଠିକ୍ ଦୁଇ ମିନିଟ୍ ପରେ ମନୋରଞ୍ଜନ ସାର୍ ଆସି ପହଞ୍ଚି ଗଲେ ଆଉ ଭୃଗୁ ଗୋଏଲଙ୍କ ଠିକଣା ପଚାରିଲେ। ମୁଁ ସାର୍‌ଙ୍କୁ ବୁଝାଇ ଦେଇଥିଲି ଯେ ଆପଣ ପହଞ୍ଚିବା ପୂର୍ବରୁ ମୁଁ ତାଙ୍କ ଘରକୁ ଯାଇ ଫେରିଲି ଆଉ ସେ ଅନୁପସ୍ଥିତ ଅଛନ୍ତି। ବ୍ୟକ୍ତିଗତ କାମରେ ରାଜ୍ୟ ବାହାରକୁ ଯାଇଛନ୍ତି। ଆପଣ ଆସିଛନ୍ତି ଯେତେବେଳେ ଚାଲନ୍ତୁ ମୋର ଆଉ ଜଣେ ସମ୍ଭାବ୍ୟ ଗ୍ରାହକ ହୃଷୀକେଶ ସ୍ୱାଇଁ ବାବୁଙ୍କ ପାଖକୁ ଯିବା। ଦୁହେଁ ମିଶି ସ୍ୱାଇଁ ବାବୁଙ୍କୁ ତାଙ୍କ ବ୍ୟବସାୟିକ ପ୍ରତିଷ୍ଠାନରେ ଦେଖାହୋଇ ସେହି ଦିନ ତାଙ୍କର ନିଜ ନାମରେ ପାଞ୍ଚ ଲକ୍ଷ ଟଙ୍କାର ଏକ ଜୀବନବୀମା ଉତ୍ପାଦ ବିକ୍ରି କରିଥିଲୁ। ଭୃଗୁ ଗୋଏଲ ନାମଟି ପଛକେ ମିଛ ହେଇଥାଉ, କିନ୍ତୁ ସେହି ନାମରେ ପ୍ରଭାବିତ ହୋଇ ସାର୍ ଆସିଲେ ଓ ମୁଁ ମିଛ କହିଥିବାର ଅନୁତାପରୁ ତୁରନ୍ତ ଏକ ମିଳିତ ବ୍ୟବସାୟିକ କଲ୍ ସାରଙ୍କ ଯିବା ପାଇଁ ଯୋଜନା କଲି ଆଉ ଶେଷରେ ଫଳାଫଳ ମୋ ସପକ୍ଷରେ ଗଲା। ଇଏତ ଗଲା ଗୋଟିଏ ଉଦାହରଣ। ନିଜର ସେଲ୍ସ କ୍ୟାରିଅରରେ ଅନେକ ଥର ଭୃଗୁ ଗୋଏଲ ଆସିବେ, ପଲିସ୍ କରିବେ, ଏଜେନ୍ସି ନେବେ ଇତ୍ୟାଦି କଥା ମ୍ୟାନେଜରମାନଙ୍କୁ କହି ମୁଁ ବହୁତ ବିଜିନେସ ରିଭ୍ୟୁରୁ ବର୍ତ୍ତିଯାଇଛି। ସେହି ନାମଧାରି ଗ୍ରାହକ ନିଜେ ଅଫିସ ଆସିବେ ଓ ପଲିସି କିଣିବେ ବୋଲି ତ ଥରେ ମୋର ପରବର୍ତ୍ତୀ ଟିମ୍ ମ୍ୟାନେଜର ତ୍ରିଦୀବ୍ ପଟ୍ଟନାୟକ (ଏବେ ମୃତ) ଖାଇବାକୁ ନଯାଇ ଅଫିସରେ ତାଙ୍କୁ ଅପେକ୍ଷା କରି ବସିଲେ। କହିଲେ ଲୋକଟିର ନାଁଟି ଯେମିତି ହୋଇଛି, ସେ ଆସିଲେ ତାଙ୍କୁ ବୁଝାଇ ନିଶ୍ଚୟ ବଡ ପଲିସ୍‌ଟିଏ କରିଦେବା। ନା ଭୃଗୁ ଗୋଏଲ ନାମଧାରୀ ବ୍ୟକ୍ତି କିଏ ଆସିଲେ, ନା ତାଙ୍କୁ ତ୍ରିଦୀବ ସାର ଉତ୍ପାଦ ବୁଝାଇବା ସୁଯୋଗ ପାଇ ପଲିସି ବିକ୍ରି କଲେ। କିନ୍ତୁ ସେହି ନାମଟିକୁ ଧରି ମୁଁ ବହୁତ ଉପକାର ପାଇଛି ଓ ମିଛ କହୁଥିବାର ଫଳ ଓ ଅନୁତାପ ସ୍ୱରୂପ ଅଧିକ ପରିଶ୍ରମ କରି ପରିଶ୍ରମର ମିଠା ଫଳ ମଧ୍ୟ ପାଇଛି। ସୁତରାଂ ମୁଁ ନିର୍ଦ୍ଦ୍ୱନ୍ଦରେ କହିବି ଯେ ଭୃଗୁ ଗୋଏଲ ନାମଧାରୀ କିଏ ଥାଆନ୍ତୁ କି ନଥାଆନ୍ତୁ କିନ୍ତୁ ଏହି ସମ୍ଭ୍ରାନ୍ତ ଶ୍ରେଣୀର ନାମଟି କିଛି ଲୋକଙ୍କୁ ଅନେକ ଆଶା ଓ ସମ୍ଭାବନା ଦେଇଛି। ତେଣୁ ମୁଁ କହିବି ସତ କହିଥିଲେ ହୁଏତ ମୁଁ ଅଳ୍ପ କାମ କରିଥାନ୍ତି, ମିଛ ଟିକେ କହିଦେଲି ବୋଲି ଦ୍ୱିଗୁଣ କାମ କଲି ଓ ସଫଳତା ମଧ୍ୟ ପାଇଲି। ତେଣୁ ଶାସ୍ତ୍ର ମତରେ କୌଣସି ମହତ୍ ଉଦ୍ଦେଶ୍ୟ ପୂରଣ ପାଇଁ କହୁଥିବା ମିଛ ପାପ ନୁହେଁ।

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍ଆପ୍) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ



## ବଣଭୋଜିସ୍ଥଳୀ

# ଶିଖରଚଣ୍ଡୀ

ଶିଖରଚଣ୍ଡୀରେ ଥିବା ପାହାଡ଼ର ଆୟତନ ପ୍ରାୟ ୨୫୦ଏକର ଓ ଏହି ପାହାଡ଼ ଉପରେ ଷଡ଼ଭୂଜା ଦେବୀଙ୍କ ମନ୍ଦିର ରହିଛି । ଶ୍ରୀରାମଚନ୍ଦ୍ର ବନବାସ ସମୟରେ ଏଠାରେ ଅବସ୍ଥାନ କରିଥିଲେ ବୋଲି କିମ୍ବଦନ୍ତୀରୁ ଜଣାଯାଏ । ପାହାଡ଼ ଶିଖରରେ ଥିବା ଏକ ପ୍ରସ୍ତରରେ ଶ୍ରୀରାମଙ୍କ ଅନୁଜ ଲକ୍ଷ୍ମଣ ତୀର ମୁନରେ ମା' ଦୁର୍ଗାଙ୍କର ଅଷ୍ଟଭୂଜା ମୂର୍ତ୍ତୀ ଖୋଦେଇ କରି ପୂଜା କରୁଥିଲେ । ଲକ୍ଷ୍ମଣଙ୍କ ଦ୍ୱାରା ଏବେ ପୂଜା ପାଉଥିବା, ଷଡ଼ଭୂଜା ମୂର୍ତ୍ତୀ ମଧ୍ୟ ପ୍ରତିଷ୍ଠିତ ହୋଇଥିଲା । ଏହି ପ୍ରତିମୂର୍ତ୍ତୀକୁ ଗଜପତି ମୁକୁନ୍ଦ ଦେବଙ୍କ ଅମଳରେ ପୁନଶ୍ଚ ଆବିଷ୍କାର କରାଯାଇଥିଲା ଓ ସେବେଠାରୁ ଦେବୀଙ୍କ ପୂଜାର୍ଚ୍ଚନା କରାଯାଉଛି । ପାହାଡ଼ ଦକ୍ଷିଣ ପାର୍ଶ୍ୱରେ ଥିବା ପାଣ୍ଡରା ଗୁମ୍ଫାରେ ପାଣ୍ଡବମାନେ ଅବସ୍ଥାନ କରୁଥିଲେ । ଏହି ଗୁମ୍ଫା ନିକଟରେ ଭୀମ ଏକ ବିଶାଳ ପ୍ରସ୍ତର ପ୍ରତିଷ୍ଠା କରିଥିଲେ । ଏହି ପ୍ରସ୍ତର ସାମାନ୍ୟ ଆଙ୍ଗୁଠି ସ୍ପର୍ଶରେ ଦୋହଲିଯାଏ, କିନ୍ତୁ ବର୍ଷା, ତୋଫାନ ବା ଭୂମିକମ୍ପ ହେଲେ ଅବିଚଳିତ ରହିଥାଏ । ସାରଙ୍ଗ ଗଡ଼ (ପଟିଆ)ର ରାଜା ମଧ୍ୟ ଶିଖରଚଣ୍ଡୀଙ୍କ ଭକ୍ତ ଥିଲେ । ଶିଖରଚଣ୍ଡୀ ପୀଠରେ ଝାମୁ ଯାତ୍ରା ଏକ ମୁଖ୍ୟପର୍ବ ଭାବେ ପାଳନ କରାଯାଏ ।

ଶିଖର ଚଣ୍ଡୀ ପାହାଡ଼ ଏକଦା, ବହୁ ବନ୍ୟଜନ୍ତୁଙ୍କ ଆଶ୍ରୟସ୍ଥଳୀ ଥିଲା । ସାରଙ୍ଗ ଗଡ଼ର ଶିକାରୀ ଗଦାଧର ରାୟ ତଥା ଚକ୍ରଧର ରାୟଙ୍କ ଶିକାର ଗଳ୍ପରେ ଶିଖରଚଣ୍ଡୀ ପାହାଡ଼ରେ ବାଘ ଆତଙ୍କ କଥା ବର୍ଣ୍ଣନା କରାଯାଇଛି । ସ୍ଥାନୀୟ ଅଧିବାସୀଙ୍କ ମତରେ ଏଠାରେ ବହୁ ସଂଖ୍ୟକ ମୟୂର ଦେଖାଯାଉଥିଲେ, ଯାହା କାଳକ୍ରମେ ପରିବେଶ ନଷ୍ଟ ହେବାରୁ କମି ଯାଇଛନ୍ତି ।

# ପିଏମ୍‌ୱାଇରେ ମହାଦୁର୍ନୀତି

**କେନ୍ଦ୍ରାପଡ଼ା ସଦର (ଭିଓଭି) :** କେନ୍ଦ୍ରାପଡା ବ୍ଲକରେ ଗ୍ରାମୀଣ ଗୃହନିର୍ମାଣ ଯୋଜନାରେ ଗରିବ ଏବଂ ବାସହରା ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁସବୁ ଘର ମଂଜୁର କରାଯାଉଛି ସେଗୁଡିକ ହିତାଧିକାରୀମାନଙ୍କୁ ଦିଆଯାଉନଥିବାରୁ ସେମାନେ ବର୍ଷ ବର୍ଷଧରି ଶୀତକାକର ଓ ଖରାବର୍ଷାରେ ପଡିରହିଛନ୍ତି। ଏହି ବ୍ଲକରେ କାର୍ଯ୍ୟରତ ବ୍ଲକ ପ୍ରକଳ୍ପ ସଂଯୋଜକ ଏବଂ ବ୍ଲକ ପ୍ରକଳ୍ପ ସହାୟକଙ୍କ ଦାୟିତ୍ୱ ହେଉଛି ତାଲିକାରେ ଥିବା ହିତାଧିକାରୀମାନଙ୍କୁ ଘର ନିର୍ମାଣ ପାଇଁ ୱାର୍କଅର୍ଡର ଦେବା ଏବଂ ଯେଉଁମାନେ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି ସେମାନଙ୍କୁ କିସ୍ତି ଟଙ୍କା ଦେବା। ଏମାନେ ଗୋଟିଏ ଗୋଟିଏ ବ୍ଲକରେ ୫/୬ ବର୍ଷରୁ ଅଧିକ ରହିବା ଫଳରେ ଏହି ସମସ୍ୟା ଦେଖାଦେଇଛି। ତୁରନ୍ତ ଏମାନଙ୍କୁ ବଦଳି କରାନଗଲେ ୨୦୨୬ ଆଧିକ ବର୍ଷରେ ଯୋଗ୍ୟ ହିତାଧିକାରୀ ତାଲିକାରୁ ବଞ୍ଚିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ଯେଉଁମାନେ ୱାର୍କଅର୍ଡର ପାଇଛନ୍ତି ସେମାନଙ୍କୁ କିସ୍ତି ଟଙ୍କା ଦେଉନଥିବାରୁ ସେମାନଙ୍କ ଘର ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। ଯେଉଁମାନେ ଗୋଟିଏ ବ୍ଲକରେ ୩ ବର୍ଷରୁ ଅଧିକ ସମୟ ରହିଲେଣି ସେମାନଙ୍କୁ ବଦଳି କରିବା ପାଇଁ ରାଜ୍ୟ ସରକାର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ସତ୍ୱେ ଏହି ବ୍ଲକରେ ତାହା କାର୍ଯ୍ୟକାରୀ ହେଉନାହିଁ। ଦାୟିତ୍ୱରେ ଥିବା ଅଧିକାରୀମାନେ ୫/୬ ବର୍ଷରୁ ଅଧିକ ସମୟ ରହିବା ଫଳରେ ଗରିବ ଲୋକଙ୍କୁ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଘରର ୱାର୍କ ଅର୍ଡରଦେବା କିମ୍ବା କିସ୍ତିଟଙ୍କା ଦେବାରେ ଅହେତୁକ ବିଳମ୍ବ କରୁଛନ୍ତି। ଆବାସଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନରେ ବ୍ଲକ ସଂଯୋଜକ ଏବଂ ବ୍ଲକ ସହାୟକ ନାମରେ ଲାଞ୍ଚ କାରବାର ହେଉଥିବା ଅଭିଯୋଗ ହେଉଛି। ଗୋଟିଏ ଗୋଟିଏ ବ୍ଲକରେ ଏମାନେ ବହୁଦିନଧରି ରହିବା ଦ୍ୱାରା ଏହି ସମସ୍ୟା ଦେଖାଦେଇଛି। ଏମାନଙ୍କୁ ବଦଳି କରାନଗଲେ ଆଗକୁ ଯୋଗ୍ୟ ହିତାଧିକାରୀ ଚୟନରେ ଲାଞ୍ଚ କାରବାର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେମାନେ ଗୋଟିଏ ବ୍ଲକରେ ଅଧିକ ବର୍ଷ ରହିଥିବାରୁ ଗରିବ ଲୋକଙ୍କପ୍ରତି ସହାନୁଭୂତିଶୀଳ ହେଉନଥିବା ଅଭିଯୋଗ ହେଉଛି। ସେମାନେ ମନମୁଖି କାର୍ଯ୍ୟ କରୁଥିବା ସତ୍ୱେ ବ୍ଲକ ଉନ୍ନୟନ ଅଧିକାରୀ କିମ୍ବା ଜିଲାପାଳ ସେମାନଙ୍କ ପ୍ରତି କୋହଳ ମନୋବୃତ୍ତି ପ୍ରଦର୍ଶନ କରୁଥିବାରୁ ଏବଂ ସେମାନଙ୍କ ବିରୋଧରେ ଅଭିଯୋଗଗୁଡିକୁ ତଦନ୍ତ କରାଯାଉନଥିବାରୁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏମାନଙ୍କ ମନମୁଖି କାର୍ଯ୍ୟ ଫଳରେ କେନ୍ଦ୍ରାପଡା ବ୍ଲକରେ ଏକ ହଜାରରୁ ଅଧିକ ହିତାଧିକାରୀ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ନପାଇ କିମ୍ବା କାର୍ଯ୍ୟାଦେଶ ପାଇ କିସ୍ତିଟଙ୍କା ନପାଇ ହଇରାଣ ହରକତ ହେଉଛନ୍ତି। ତେଣୁ ଏମାନଙ୍କୁ ଅନ୍ୟତ୍ର ବଦଳି କରାଯାଇ ଏମାନଙ୍କ ସ୍ଥାନରେ ନୂତନ ଅଧିକାରୀମାନଙ୍କୁ ଅବସ୍ଥାପିତ କରିବା ପାଇଁ ଗରିବ ହିତାଧିକାରୀମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏହା କରାଗଲେ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଗୃହ ଯୋଗାଣରେ କୌଣସି ଅସୁବିଧା ହେବନାହିଁ ଏବଂ ସରକାରଙ୍କ ଗୃହ ନିର୍ମାଣ ଯୋଜନା ସଫଳ ହେବ ବୋଲି ସେମାନେ ଜିଲାପାଳଙ୍କୁ ଅବଗତ କରିଛନ୍ତି। ଅନ୍ତୋଦୟ ଗୃହ ଯୋଜନାରେ ଅନେକ ଯୋଗ୍ୟ ହିତାଧିକାରୀମାନଙ୍କୁ ବାଦ୍‌ଦିଆଯାଇ ଅଯୋଗ୍ୟ ହିତାଧିକାରୀମାନଙ୍କୁ ଗୃହର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏ ସଂପର୍କରେ ଜିଲାପାଳଙ୍କ ନିକଟରେ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଆଶାଲତା ରାଉତ ଜିଲାପାଳଙ୍କ ଜନଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ ଅନ୍ତୋଦୟ ଗୃହ ଯୋଜନାରେ କେଶପୁର, ପୁରୁଷୋତ୍ତମପୁର, ନିକିରାଇ, ଏବଂ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ବ୍ଲକ ପ୍ରକଳ୍ପ ସଂଯୋଜକ ଏବଂ ସହାୟକଙ୍କ ବଦଳି ପାଇଁ ସାଧାରଣରେ ଦାବି ହେଉଛି। କେନ୍ଦ୍ରାପଡାଜିଲାରେ ୯ଟି ବ୍ଲକରେ ବ୍ଲକ ପ୍ରକଳ୍ପ ସଂଯୋଜକମାନେ ୫/୬ ବର୍ଷରୁ ଅଧିକ ରହିବା ଫଳରେ ସେମାନଙ୍କ ମନମାନୀ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏ ସଂପର୍କରେ ଜିଲାପାଳ ରଘୁରାମ ଆର. ଆୟରଙ୍କ ମତାମତ ନିଆଯିବାରୁ ସେ କହିଲେ ଯେ କେବଳ କେନ୍ଦ୍ରାପଡା ବ୍ଲକ ନୁହେଁ ଜିଲାର ୯ଟିଯାକ ବ୍ଲକରେ ଏହିଭଳି ଅବ୍ୟବସ୍ଥା ଲାଗିରହିଛି। ଯଦି ଏମାନଙ୍କୁ ବଦଳି କରାନଯାଏ ଆଗକୁ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ଯୋଗ୍ୟ ହିତାଧିକାରୀମାନେ ବାଦପଡିବାର ସମ୍ଭାବନା ରହିଛି। ଯାହାଫଳରେକି ଗରିବ ଲୋକମାନେ ସେମାନଙ୍କର ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ସେମାନେ ପକ୍କାଘର ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ସଂପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି।




# ଚୋରା କାଠ ବେପାରୀଙ୍କ ଭୂସ୍ୱର୍ଗ ପାଲଟିଛି ଅସ୍ତରଙ୍ଗ

- କାଠ ମାଫିଆ ଓ ପୁଲିସ ମଧ୍ୟରେ ଭିତିରି ବୁଝାମଣା ନେଇ ଚର୍ଚ୍ଚା
- ଅସ୍ତରଙ୍ଗ ଥାନା ସାମ୍ନାରେ ପ୍ରତିଦିନ ଗଡୁଛି କାଠ ଗାଡି, ସବୁ ଦେଖି ଆଖି ବୁଜିଛି ପୋଲିସ
- ଥାନା ଅଧିକାରୀଙ୍କ କାର୍ଯ୍ୟକଳାପ ପାଇଁ ଜନ ଅସନ୍ତୋଷ



**ପୁରୀ (ଭିଓଭି) :** ଚୋରା କାଠ ବେପାରୀଙ୍କ ଭୂସ୍ୱର୍ଗ ପାଲଟିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ। ବ୍ଲକର ଭଉଁରୀଆ ସେତୁ ସହ ନଇଗୁଆଁ କ୍ଲାସ ରୋଡ଼ ଦେଇ ଅସ୍ତରଙ୍ଗ ଓ କୁଣ୍ଢେଇ ଅଞ୍ଚଳକୁ ପ୍ରତ୍ୟେକ ଦିନ ବେଆଇନ ଭାବରେ ଟ୍ରିପ ଟ୍ରିପ କାଠ ଚାଲାଣ ହେଉଛି। କିନ୍ତୁ ଅସ୍ତରଙ୍ଗ ଥାନା ସାମ୍ନାରେ ପ୍ରତ୍ୟେକ ଦିନ କାଠ ଗାଡି ଯାତାୟାତ କରୁଥିଲେ ମଧ୍ୟ ସବୁ ଦେଖି ଆଖି ବନ୍ଦ କରିଛି ପୋଲିସ। ଥାନାଅଧିକାରୀଙ୍କ ଆଇନ ଶୃଙ୍ଖଳା କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଅଂଚଳରେ ଜନଅସନ୍ତୋଷ। ମାତ୍ର ଏ ଦିଗରେ ବନ ବିଭାଗ ହେଉ ଅବା ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଉ ନଥିବା ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

କେତେକ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଦୈନିକ ଭୋର ୫ଟାରୁ ନଚେତ ଅପରାହ୍ନ ୩ଟାରୁ ରାତି ପର୍ଯ୍ୟନ୍ତ ଖୋଲା ଡାଲା ଓ ନମ୍ବର ବିହୀନ ଟ୍ରାକ୍ଟରରେ କାଠ ଲଦା ହୋଇ ଭଉଁରୀଆ ସେତୁ ଦେଇ ଅସ୍ତରଙ୍ଗ ଥାନା ଆଗରେ ବିଭିନ୍ନ ସ୍ଥାନକୁ କାଠ ଚାଲାଣ ହେଉଛି। ବିଶେଷତଃ ସନ୍ଧ୍ୟା ୬ରୁ ୭ଟା ମଧ୍ୟରେ ଏହି ଗାଡି ଗୁଡିକ କାଠ ଭର୍ତ୍ତିକରି ଫେରୁଥିବା ମଧ୍ୟ ଦେଖିବାକୁ ମିଳିଛି। ଏହି କାଠ ଗାଡି ଅସ୍ତରଙ୍ଗ ବ୍ଲକ ଅଧୀନ କୁହୁଡି, କେନ୍ଦ୍ରାପଟି, ବେଢାବନ୍ଧ, କାକଟପୁର, କୁଣ୍ଢେଇ, ନିଆଳି ଅଂଚଳରେ ଗଢିଉଠିଥିବା ବେଆଇନ କରତକଳକୁ ଯୋଗାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଯାହା ଚର୍ଚ୍ଚା ବିଷୟ ଖୁଲମ ଖୁଲା ଚାଲୁଥିବା ବେଳେ ଦାୟିତ୍ୱ ଥିବା ଅଧିକାରୀ ଭିତିରି ବୁଝାମଣା ହୋଇ ସବୁ ଦେଖି ନିରବଦ୍ରଷ୍ଟା ସାଜିଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହି କାଠ ଗରକୁ ଖୋଲା ଡାଲାରେ ଅସୁରକ୍ଷିତ ଭାବେ ଚାଲାଣ କରାଯାଉଛି। ଅସ୍ତରଙ୍ଗ ବ୍ଲକ ଓ ଜନଗହଳି ପୂର୍ଣ୍ଣ ବଜାର ଦେଇ ଏହି କାଠ ବିପଦ ପୂର୍ଣ୍ଣ ପରିବହନ ହେଉଥିବାରୁ କେତେବେଳେ ଦୁର୍ଘଟଣା ଘଟିବ ତାହା କହି ହେଉନାହିଁ। ଏହି ବିଷୟକୁ ନେଇ ବାରମ୍ବାର ଖବର ପ୍ରକାଶ ପାଇଲା ପରେ ଅସ୍ତରଙ୍ଗ ଥାନାରେ ପୂର୍ବରୁ କାର୍ଯ୍ୟରତ ଥିବା ଥାନାଅଧିକାରୀ କାଠ ମାଫିଆଙ୍କ ଉପରେ କଠୋର କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁଥିବା ବେଳେ ବର୍ତମାନ କାର୍ଯ୍ୟରତ ଅସ୍ତରଙ୍ଗ ଥାନାଅଧିକାରୀଙ୍କ କାହିଁକି କାଠ ମାଫିଆଙ୍କ ପ୍ରତି ଅହେତୁକ ଅନୁକମ୍ପା ତାହା ସନ୍ଦେହ ସୃଷ୍ଟି ହେଉଛି। ବର୍ତମାନ ଦାୟିତ୍ୱ ଥିବା ଥାନାଅଧିକାରୀ ଦୁର୍ଗା ଚରଣ ମହାପାତ୍ର ଯୋଗ ଦେବା ଦିନ ଠାରୁ ବିଭିନ୍ନ ମନ୍ଦିରରେ ଚୋରି ବୃଦ୍ଧି ପାଉଥିବା ବେଳେ ଏ ପର୍ଯ୍ୟନ୍ତ ମନ୍ଦିର ଚୋରି ସାମଗ୍ରୀ ସହ ଚୋରକୁ ଧରିବାରେ ବିଫଳ ଅସ୍ତରଙ୍ଗ ଥାନା ପୋଲିସ। ଯାହାକି ଅସ୍ତରଙ୍ଗ ପୋଲିସ ଥାନା ଉପରୁ ସାଧାରଣ ଜନତା ଆସ୍ଥା ହରାଇଲେଣି। ଏହା ସହ କାଠ ଗାଡି ଖୁଲମ ଖୁଲା ଚାଲୁଥିଲେ ମଧ୍ୟ ପ୍ରଶାସନ ନିଦାବିଷ୍ଟ ସାଜିଥିବା ଅଭିଯୋଗ ହେଉଛି। ବନ ବିଭାଗ ଓ ପ୍ରଶାସନର ଏହି ବେପରୁଆ ନୀତିକୁ ସାଧାରଣ ବୁଦ୍ଧିଜୀବୀ ନିନ୍ଦା କରିଛନ୍ତି।

ସୂଚନା ଥାଉକି କିଛି ଦିନ ପୂର୍ବେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ଏକ ଟାଟା ଏସି ଗାଡି ଜବତ କରି ମୂଲ୍ୟବାନ କାଠ ଜବତ କରିଥିଲେ, କିନ୍ତୁ ଏତେ ଭାରୀ କାଠ ଗାଡିକୁ ଅସ୍ତରଙ୍ଗ ଥାନା ଅଂଚଳରେ କିଏ ଦେଉଛି ଅନୁକମ୍ପା। କେବେ ଅସ୍ତରଙ୍ଗ ଥାନା ଅଂଚଳରେ ବେଆଇନ କରତକଳ ସହ ଚୋରା କାଠ କାରବାର ବନ୍ଦ ହେବ ତାହା ସମୟ କହିବ ନା ବନବିଭାଗ ସବୁ ଦେଖି ଚୁପ ବସିଯିବ।

## ମଣିମା ଶୁଣିମା ହେଉ...

**DEEPA BARIK** @CharubalaB

A migrant worker from Dava village, Jharbandh block, Bargarh district is allegedly being confined in a company in Maharashtra, as complained by his mother.
Urgent request to conduct an inquiry and rescue him immediately.@CMO_Odisha @LESIOdisha @DMBargarh @odisha_police

**Environmental & Climate Ac...** @akshya_patra Follow

Show translation

କଟକ ରେଲୱେ ଷ୍ଟେସନ ମୁଖ୍ୟଦ୍ୱାର(ଓଏମପି-ଶିଖରପୁର ସର୍ଭିସ ରୋଡ) ସମ୍ମୁଖରେ ଅଳିଆଗଦା !! ତୁରନ୍ତ ସଫେଇ କରିବାକୁ ବିନମ୍ର ଭାବେ ଅନୁରୋଧ @CMO_Odisha @EastCoastRail @RailwaySeva @DRMKhurdaRoad @CMCCuttack @HUDDeptOdisha @CPCB_OFFICIAL @CuttackDM



**Sachidanand Bisoi** @SachidanandBis1 Follow


Show translation

#କୁକୁର_ଧରା_ଗାଡ଼ି
ପୁରୀରେ କେବେ ହେବ
@OfficialTeamATA @MohanMOdisha @CMO_Odisha @bijaymajhi997 @BipinMohanty4 @dm_puri @puriulb @CMO_Odisha @dm_puri



**Gayatri Giri** @gayatri41344 Follow

To the @CMO_Odisha from All Odisha ASHA-sathi Association,Sir please provide the incentive of ASHA sathi that allocated by the central since 2018 is rs 8000/- .



## ସୂଚନା

ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ।

**ସବିଶେଷ ଯୋଗାଯୋଗ :**
ମୋବାଇଲ୍ :
୬୩୭୧୪୧୭୩୬୧
**Email:**
voiceofvictim2019@gmail.com
voiceofvictimsnews@gmail.com
**Website :**
https://voiceofvictims.co.in
**E-Paper :**
voiceofvictimsepaper.in

# ଇଫକୋ ପକ୍ଷରୁ ନାନୋ ସାର ଓ ଜଳ ଦ୍ରବଣୀୟ ସାର ପ୍ରୟୋଗ ସମ୍ବନ୍ଧୀୟ ଫସଲ ଆଲୋଚନା ଚକ୍ର




**ରଣପୁର (ଭିଓଭି) :** ଜଳବାୟୁ ପରିବର୍ତନ ସାଙ୍ଗକୁ ଦିନକୁ ଦିନ ନୂଆ ରୋଗ ଶୃଷ୍ଟି ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଉଛି, ଏହି ପରିପ୍ରେକ୍ଷୀରେ ଇଣ୍ଡିଆନ ଫାର୍ମର ଫର୍ଟିଲାଇଜର କୋ-ଅପରେଟିଭ ଲିଙ୍କ (ଇଫକୋ) ପକ୍ଷରୁ ରଣପୁର ବ୍ଲକର ସାନଗଡ ସ୍ଥିତ ଇଫକୋ ବଜାର ପରିସରରେ ନାନୋ ସାର ଓ ଜଳ ଦ୍ରବଣୀୟ ସାର ସମ୍ବନ୍ଧିତ ଏକ ବୈଜ୍ଞାନିକ ଫସଲ ଆଲୋଚନା ଚକ୍ର ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ କୃଷି ବିଭାଗର ଜିଲ୍ଲା କୃଷି ଅଧିକାରୀ ପବିତ୍ର ମୋହନ ସାହୁ ଯୋଗ ଦେଇ କୃଷି ବିଭାଗର ବିଭିନ୍ନ ସ୍କିମ ବିଷୟରେ ଆଲୋକପାତ କରିଥିଲେ । ଚାଷୀ କ୍ଷେତରେ ଦାନାଦାର ସାର ପ୍ରୟୋଗ କରିବା ଦ୍ୱାରା ଗଛ କିଛି ସାର ଗ୍ରହଣ କରୁଛି, ଆଉ କିଛି ମାଟିରେ ନଷ୍ଟ ହେଇଯାଉଛି । ଏହାଦ୍ୱାରା ମୃତିକା ମଧ ନଷ୍ଟ ହେଉଛି, ତେଣୁ ନାନୋ ଡ଼ି.ଏ.ପି. (ତରଳ), ନାନୋ ୟୁରିଆ ପ୍ଲସ (ତରଳ), ସାଗରୀକା, ନାନୋ ଜିଙ୍କ ଓ ନାନୋ କପର ବ୍ୟବହାର କରି କିପରି ଚାଷୀ ଭାଇ କମ ଖର୍ଚରେ ଅଧିକ ଉପାଦାନ କରିପାରିବ ସେ ଦିଗରେ ମଧ ଆଲୋଚନା କରିଥିଲେ ଓ ଉପସ୍ଥିତ ସମସ୍ତ ଚାଷୀମାନଙ୍କର ପ୍ରଶ୍ନର ଉତ୍ତର ମଧ ଦେଇଥିଲେ ।

କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ଫସଲ ସୁରକ୍ଷା ବିଭାଗ ବୈଜ୍ଞାନିକ ଡ଼. ପ୍ରମୋଦ କୁମାର ପୃଷ୍ଟି ଉପସ୍ଥିତ ରହି ବିଭିନ୍ନ ଫସଲରେ ରୋଗ ପୋକର ନିରାକରଣ କିପରି କରିହେବ ସେ ବିଷୟରେ ବୁଝାଇଥିଲେ । ଇଫକୋର ରାଜ୍ୟ ବିପଡାନ ପ୍ରବନ୍ଧକ ଡ଼, ସୌମିକ କୁମାର ମଣ୍ଡଳ ଉପସ୍ଥିତ ରହି ନାନୋ ସାରର ପ୍ରୟୋଗ , ଜୈବିକ ସାରର ପ୍ରୟୋଗ ସମ୍ବନ୍ଧରେ ସମସ୍ତ ଚାଷୀ ମାନଙ୍କୁ ବୁଝାଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପୁରୁଷୋତ୍ତମ ସୁବୁଦ୍ଧି, ସହ କୃଷି ଅଧିକାରୀ, ରଣପୁର, ଶ୍ରୀକାନ୍ତ କୁମାର ସାହୁ, ସହ ଉଦ୍ୟାନ ଅଧିକାରୀ, ଇଫକୋ ଏମ.ସି. ର ଆଞ୍ଚଳିକ ପ୍ରବନ୍ଧକ ଉପସ୍ଥିତ ରହି ଚାଷର ଉନ୍ନତି ଉପରେ ବକ୍ତବ୍ୟ ଦେଇଥିଲେ ।

କାର୍ଯ୍ୟକ୍ରମରେ ଚାଷୀ ଦେବୀ ପ୍ରସାଦ ସାମନ୍ତରାୟ ସଭାପତିତ୍ୱ କରିଥିବାବେଳେ ଇଫକୋର କ୍ଷେତ୍ର ପ୍ରବନ୍ଧକ ସୌମ୍ୟ ରଞ୍ଜନ ହାତୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଇଫକୋ ବଜାରର ସେଲସ ଅଫିସର ପ୍ରତାପ କୁମାର ସାମନ୍ତସିଂହାର କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ତିନି ଶହରୁ ଉର୍ଦ୍ଧ ଚାଷୀ ଉପସ୍ଥିତ ରହିଥିଲେ ।

## ନବୀନ ନିବାସ ସମ୍ମୁଖ ରାସ୍ତା ଅବରୋଧ ମାମଲାରେ ହାଇକୋର୍ଟଙ୍କ ଉଦ୍‌ବେଗ

# ତିନି ସପ୍ତାହ ମଧ୍ୟରେ 'ସତ୍ୟପାଠ ଦାଖଲ' ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର (ଭିଓଭି) :** ପୁରୁଣା ଏୟାରପୋର୍ଟ ରାସ୍ତା ବା ଏକାମ୍ର ରାସ୍ତା ଦେଇ ବିମାନବନ୍ଦର ଓ ଲିଙ୍ଗରାଜ ମନ୍ଦିରକୁ ଯାତାୟାତ ବେଳେ ନବୀନ ନିବାସ ନିକଟରେ ରାସ୍ତାର ଗୋଟିଏ ପାଖ ଅବରୋଧ କରାଯାଇଥିବା ଅଭିଯୋଗ ନେଇ ଦାଏର ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ 'ସତ୍ୟପାଠ ଦାଖଲ' ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ପୂର୍ବରୁ ନୋଟିସ କରି ସରକାରଙ୍କୁ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ସରକାର ପକ୍ଷ ନରଖି ସମୟ ମାଗିବାରୁ ଉଦବେଗ/ ବିରକ୍ତି ପ୍ରକାଶ କରିଥିଲେ ଓ ରାଜ୍ୟ ସରକାରଙ୍କୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଫେବୃଆରି ୨୪କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି । ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ୍ ଓ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସାମାଜିକ ତଥା ସୂଚନାଧିକାର କର୍ମୀ ପ୍ରକାଶ ଚନ୍ଦ୍ର ଦାସଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି ।

ଦାୟର ଜନସ୍ୱାର୍ଥ ଆବେଦନରେ ଦର୍ଶାଯାଇଛି ଯେ, ପୁରୁଣା ଏୟାରପୋର୍ଟ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରାଯାଉ ନଥିବାରୁ ବହୁ ସମୟରେ ରାସ୍ତାରେ ଟ୍ରାଫିକ୍ ସମସ୍ୟା ଦେଖା ଦେଉଛି । ଲୋକମାନେ ଲିଙ୍ଗରାଜ ମନ୍ଦିର ଓ ବିମାନବନ୍ଦର ଯା' ଆସ କରିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତାର ଗୋଟିଏପାର୍ଶ୍ୱ ଜବରଦଖଲ କରାଯାଇଛି ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସୁରକ୍ଷା ବ୍ୟବସ୍ଥା ଆଳରେ ରାସ୍ତାକୁ ସଂକୁଚିତ କରାଯାଇଛି । ଏହି ରାସ୍ତାରୁ ଅବରୋଧ ହଟାଯାଇ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିଲେ ଜନସାଧାରଣ ଉପକୃତ ହେବେ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି । ଆବେଦନକାରୀ ପ୍ରକାଶ ଦାସଙ୍କ ପକ୍ଷରୁ ଆଇନଜୀବୀ ପି.କେ ମିଶ୍ର ମାମଲା ପରିଚାଳନା କରୁଛନ୍ତି ।

## ଆନ୍ଧ୍ର ନେଟ୍‌ୱର୍କ ଭରସାରେ ସୀମାନ୍ତ ଓଡ଼ିଆ

# ପାହାଡ଼ ଚଢ଼ିଲେ ଆସୁଛି ନେଟ୍‌ୱର୍କ

ରାୟଗଡ଼ା (ଭିଓଭି) : ବର୍ତ୍ତମାନ ସମୟରେ ନେଟ୍‌ୱର୍କ ମୌଳିକ ଆବଶ୍ୟକତା ପାଲଟିଯାଇଛି । ରାସନକାର୍ଡ, ଆଧାରକାର୍ଡ, ଭତ୍ତା ଭଳି ବିଭିନ୍ନ ସରକାରୀ ଯୋଜନାରେ ସାମିଲ ହେବାକୁ ହେଲେ ନେଟ୍‌ୱର୍କ ଜରୁରୀ । ରାୟଗଡ଼ାର ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମରମା ପଞ୍ଚାୟତରେ ନେଟ୍‌ୱର୍କ ଉପଲବ୍ଧ ହୋଇପାରୁନି । ପଡ଼ୋଶୀ ଆନ୍ଧ୍ରର ନେଟ୍‌ୱର୍କ ପାଲଟିଛି ଭରସା । ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକର ମରମା ପଞ୍ଚାୟତ । ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ଥିବା ଦୁର୍ଗମ ଅପହଞ୍ଚ ଅଞ୍ଚଳ । ବହୁ ବର୍ଷ ପୂର୍ବେ ଏଠାରେ ମାଓବାଦୀଙ୍କ ଚଳପ୍ରଚଳ ଥିଲା । ମାଓ ଭୟରେ ସରକାରୀ ବାବୁ ଓ ରାଜନେତାଙ୍କ ପାଦ ପଡୁନଥିଲା । ସମୟ ସ୍ରୋତରେ ସବୁ କିଛି ବଦଳିଯାଇଛି । କିନ୍ତୁ ଆଜି ବି ଅପହଞ୍ଚ ପଞ୍ଚାୟତରେ ମୋବାଇଲ୍ ନେଟ୍‌ୱର୍କ ।

ଦୀର୍ଘ ବର୍ଷ ପୂର୍ବେ ମରମା ଓ ପାରିଡ଼ି ଗାଁରେ ଭାରତୀୟ ସଞ୍ଚାର ନିଗମ ଲିମିଟେଡ ପକ୍ଷରୁ ଟାୱାର ନିର୍ମାଣ କରାଯାଇଥିଲା, କିନ୍ତୁ କାର୍ଯ୍ୟକ୍ଷମ ହୋଇପାରୁନି । ଫଳରେ ଆନ୍ଧ୍ର ଶ୍ରୀକାକୁଳମର ଭାମିନୀ ଗାଁ ନେଟ୍‌ୱର୍କ ପଞ୍ଚାୟତବାସୀଙ୍କ ଭରସା ପାଲଟିଛି । ତାହା ବି ସଠିକ ଭାବେ ଆସେନି । ସେଥିପାଇଁ ଜରୁରୀକାଳୀନ ପରିସ୍ଥିତିରେ କିଛି ଦୂରରେ ଥିବା ପାହାଡ଼ ନିକଟକୁ କିମ୍ବା ଗଛ ଚଢ଼ିଲେ ମୋବାଇଲ୍‌ରେ ସିଗ୍‌ନାଲ୍ ଆସୁଛି । ସିଏ ବି ସବୁବେଳେ ନୁହେଁ, କେବେ କେବେ ।





୨୨ ଖଣ୍ଡ ଗାଁକୁ ନେଇ ଗଠିତ ମରମା ପଞ୍ଚାୟତ । ଗାଁକୁ ନେଟ୍‌ୱର୍କ ଆସୁନଥିବାରୁ ଛାତ୍ରଛାତ୍ରୀଙ୍କ ଅନ୍‌ଲାଇନ୍ ପାଠପଢ଼ା, ରାସନକାର୍ଡ, ଆଧାରକାର୍ଡ, ଭତ୍ତା ଭଳି ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି ଲୋକେ । ଏ ନେଇ ପଞ୍ଚାୟତବାସୀ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହୋଇଛି, କିନ୍ତୁ ଫଳ ଶୂନ । ୨୦୩୬ ସୁଦ୍ଧା ବିକଶିତ ଭାରତର ପରିକଳ୍ପନା କରୁଛନ୍ତି ସରକାର । ରାୟଗଡ଼ା ଓ କୋରାପୁଟର ପ୍ରତ୍ୟେକ ଗାଁକୁ ମୋବାଇଲ ସେବା ଯୋଗାଇ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇଥିଲେ । ଆଜି ବି ରାୟଗଡ଼ାର ୧୪୯ ଓ କୋରାପୁଟର ୮୯ ଗାଁରେ ନେଟ୍‌ୱର୍କ ସେବା ଉପଲବ୍ଧ ହୋଇପାରିନି ।

# ଦନ୍ତା ପାଇଁ ରାସ୍ତାରୋକ

**ଖୋର୍ଦ୍ଧା (ଭିଓଭି) :** ହାତୀ ପାଇଁ ରାସ୍ତାରୋକ । ଦନ୍ତା ହାତୀ ଆକ୍ରମଣରେ ଆଜି ଜଣେ ଯୁବକଙ୍କ ଜୀବନ ଚାଲିଯାଇଛି । ଏଭଳି ଅଭାବନୀୟ ଘଟଣା ଘଟିଛି ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗି ରେଂଜ ଜଂକିଆ ଥାନା ଅନ୍ତର୍ଗତ ଖଡିପଦର ଗାଁରେ । ମୃତକ ଖଡିପଦର ଗାଁର ଶଙ୍କର ରାଉତରାୟ ବୋଲି ଜଣାପଡିଛି । ଶନିବାର ଭୋର୍ ସମୟରେ ଶଙ୍କର ଏକ ସାଇକେଲ ଯୋଗେ ଖଡିପଦର ରାସ୍ତାରେ ଯାଉଥିବା ସମୟରେ ଦନ୍ତା ହାବୁଡରେ ପଡିଥିଲେ । ଦନ୍ତା ଶଙ୍କରକୁ ହଠାତ ଆକ୍ରମଣ କରିଥିଲା । ଦନ୍ତା ଆକ୍ରମଣରେ ଶଙ୍କରଙ୍କ ମୁଣ୍ଡ ଶରୀରରୁ ଅଲଗା ହୋଇଯାଇଥିଲା । ସେପଟେ କ୍ଷତିପୂରଣ ଦାବିରେ ପରିବାର ଲୋକେ ଓ ସ୍ଥାନୀୟ ଲୋକେ ନୂଆ ଜଗନ୍ନାଥ ସଡକ ଅବରୋଧ କରି ପ୍ରତିବାଦ କରିଛନ୍ତି । ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡିମୋଟର ଅଟକି ରହିଛି । ବନବିଭାଗ କର୍ମଚାରୀ ଓ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।



# RSS and Social Harmony



Sarbeswar Behera

Rastriya Swayamsevak Sangha founder Dr. Kesab Baliram Hedgewar was born in an orthodox Brahmin family. The atmosphere at home was also like that. However, Dr. Hedgewar would effortlessly go to houses of various castes. Sometimes he would dine there. He would drink tea at their houses. An incident from his life is there in which he was offered tea when he visited a poor person's house. At that time, Dr Hedgewar would not drink tea. The person could not afford anything except tea. He was poor. Dr Hedgewar left home without taking anything. The disappointment that he could not offer anything to Dr Hedgewar was reflected on his face. Dr Hedgewar realized this. He became very uneasy after returning home. His face loomed before his eyes every now and then. He got up in the night, took the workers with him, went to that person's house and drank the tea that was skipped in the morning. Thus, Dr Hedgewar started drinking tea. This affinity has become the soul of the RSS' work.

Dr Hegdewar's life is full of affectionate incidents like this. Everyone who worked with him such as Appaji Joshi, Yadavro Joshi, Balasaheb Deoras, Sir Guruji, Dadarao Parmarth experienced this. His affinity towards was not born out of sympathy but was based on the basic value that the entire society is my own'. Dr Hedgewar never gave speeches on ending untouchability or eradicating castes. Because, nobody leaves one's caste or stops following untouchability by hearing speeches. One has to practice on it. Bharat Mata is the mother for all of us. We all are her children. Thus, Dr Hedgewar displayed the sense that our mother is one and all of us are her children and created the lives that lived with this sense. Social Harmony is the another name of the organic feeling for our nation.

Bachcharajji Vyas was a swayamsevak from Nagpur. He had an orthodox Brahmin family. Eating from a person of another caste was anathema. There was RSS camp. Bachcharajji Vyas wanted to attend the camp. Everyone eats together in the camp. That did not suit with Bachcharjji Vyas; rituals. Dr Hedgewar allowed him to come to the camp and provided him separate ingredients for cooking. On day first, he ate separately but next day, he refused the ingredients and ate with all others. He abandoned the thought of untouchability. Dr Hedgewar did not lecture him to abandon it. In one of such camps, the swayamsevakas said that they would not eat with swayamsevak of other castes. Dr Hedgewar said to them, "Your row will be different, but I will eat with those whom you have refused." The next day, these syayamsevakas also abandoned the insistence on separate row and they became 'Swyamasevaks' in the real sense.

Why does a member of Hindu society follow untouchability? Is he cruel by nature? Dr Babasaheb had raised these questions and he replied that, Hindu person is religious. If one does not follow the untouchability, it would amount to be a sin. The untouchability would not go from social practice unless this basis is not taken away.

The untouchability has been abolished through the section 17 of our Constitution. This means that the state will not follow untouchability and anyone who follows it will be punished. The untouchability has not ended after the enactment of the law. It has not disappeared from the public life. The basis of the religion has to be taken away from. Shri Guruji did this work. The Vishwa Hindu Parishad's convention took place at Prayag in 1967. It was at this convention where Shankaracharya himself put the resolution that untouchabiloity was not part of the religion. The resolution was passed that Hindu can never be patit (fallen). The convention of the dharmacharya took place at Udupi in Karnataka in 1969. The mantra that all Hindus are brethren was given in this convention. The Jagadguru and all the acharyas released a leaflet addressed to all Hindu society in which all Hindus were appealed to give up the untouchability. Shri Guruji staked all his might to fulfil what Dr. Bahasaheb Ambedkar expected.

Shir Guruji was also a live incarnation of the sense of affinity or Social Harmony. His eyes would become tearful as soon as he would see the pangs of the society. Shri Guruji could not bear their suffering like this. A beggar used to sit near his house in Nagpur. Once after returning from a tour, he observed that the beggar was not in his place. When he inquired, he came to know about his death. Shri Guruji became serious and said, "How could have his last moments passed? None of his close-ones was near him. How painful!" and tears came down from his eyes. Once while coming out of a railway station, a coolie was walking with heavy luggage on his head. Shri Guruji asked those with him to squeeze and make way for him. Quoting from a Sanskrit couplet, he said that the pregnant women, kings, learned men and porters should be given the way first. Shri Guruji would eat just once. When he was asked the reason for this, he said, "Crores of people in Bharat do not get even one-time meal. Their faces came before my eyes and I cannot take even a bite". Shri Guruji whole life was one with the nation. He had warned that the China's aggression was going on in the northern frontier. The government did not know of this. When someone asked Shri Guruji, how did he know of this? Shri Guruji answered that the northern side of his body was quite uneasy for few days so he came to know. A rational person may not be convinced with this. However, those who have experienced from Shri Guruji's life as to what it is to be one with the nation would not see it as untrue.

The issue of social harmony received more impetus during the time of Balasaheb Deoras. Sangh Swayamsevak have initiated service works in numerous sectors like education, health, employment, rural development, environment protection, drinking water supply etc. There number stands today at more than one and a half lakh. Work is going on in different sectors like tribals, nomadic people, urban slums, children on platform, labourers etc. The Sangh Swayamsevaks are the first to rush to any place of natural or manmade calamity. Swaymsevaks have rushed to every venue like the cyclone in Andhra, earthquake in killari, aeroplane crash at Chakri Dadari and flood in the Uttaranchal.

While thinking of equality, the State has to take an active role to bring equality in practice. Special facilities and plans have to be made for the backwards, reservation has to be provided. Weak and powerful cannot compete together. Weak ones have to be protected. Various schemes like reservation, discount in fees, grants for disease and houses etc. are to be provided. RSS' stand on these issue is of affinity. These facilities should be provided to those who need them. Balasaheb Devras would say that while considering these facilities we should adopt the mindset of those for whom they are meant for. We should experience their pain. When such affinity or Social Harmony is created in the minds, there will be no unnecessary opposition to them.

Social Harmony is not a principle but the practice of freedom, equality and fraternity. It is the answer to why I should treat others with equality, why I should defend their freedom and why treat them as brethren. They and I are not different. "Mai nahi, tu hi", (Not me but you alone) was the mantra of Shri Guruji life. This mantra is so full of meaning that a book can be written on it. All of us are the manifestation of an infinite truth. One single energy resides in us. There is no place for discrimination here. We have to understand this and practice it in daily life. RSS does not indulge in speeches neither does it give lectures. RSS provides the experience of equality. RSS provides the experience of fraternity. RSS is the school of how we should live with the sense of affinity. That is why we have to say that this sense of affinity, this sense of being one with the joys and sorrows of others is Social Harmony and that is the life of RSS.

*Advocate*
*Khatabin Sahi, Cuttack*
*9437016384*

## ରୁଷ ବିଶ୍ୱବିଦ୍ୟାଳୟରେ ୪ ଭାରତୀୟ ଛାତ୍ରଙ୍କୁ ଛୁରାମାଡ଼

# ପୀଡ଼ିତଙ୍କ ରକ୍ତରେ କାନ୍ଥରେ ଅଙ୍କିତ ସ୍ୱସ୍ତିକ ଚିହ୍ନ ଭାଇରାଲ

**ନୂଆଦିଲ୍ଲୀ :** ରୁଷର ବାଶକୋର୍ଟୋସ୍ତାନର ଏକ ବିଶ୍ୱବିଦ୍ୟାଳୟରେ ବିଦେଶୀ ଛାତ୍ରଙ୍କ ପାଇଁ ଥିବା ଏକ ହଷ୍ଟେଲର କ୍ରୀଡା ରୁମରେ ଛୁରୀ ଆକ୍ରମଣରେ ୪ ଭାରତୀୟ ଛାତ୍ର ଓ ଦୁଇଜଣ ପୁଲିସ ଅଧିକାରୀଙ୍କ ସମେତ ଆଠଜଣ ଆହତ ହୋଇଛନ୍ତି । ପ୍ରାଥମିକ ରିପୋର୍ଟ ଅନୁଯାୟୀ, ରୁଷିଆର ବାଶକୋର୍ଟୋସ୍ତାନର ଉଫାରେ ଥିବା ଷ୍ଟେଟ୍ ମେଡିକାଲ୍ ୟୁନିଭରସିଟିର ହଷ୍ଟେଲରେ ଛୁରୀ ଧରି ଜଣେ ୧୫ ବର୍ଷୀୟ କିଶୋର ପ୍ରବେଶ କରି ସେଠାରେ ରହୁଥିବା ଛାତ୍ରମାନଙ୍କୁ ଆକ୍ରମଣ କରିଥିଲେ ବୋଲି ରୁଷ ଗୃହ ମନ୍ତ୍ରଣାଳୟ କହିଛି । ରୁଷରେ ଥିବା ଭାରତୀୟ ଦୂତାବାସ ସୂଚନା ଦେଇଛି ଯେ, ଉଫାରେ ଏକ ଦୁର୍ଭାଗ୍ୟଜନକ ଆକ୍ରମଣ ଘଟିଛି । ଚାରିଜଣ ଭାରତୀୟ ଛାତ୍ରଙ୍କ ସମେତ ଅନେକ ଲୋକ ଆହତ ହୋଇଛନ୍ତି । ଦୂତାବାସ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଅଛି ଓ କାଜାନରେ ଥିବା କନସୁଲେଟ୍ ଜେନେରାଲର ଅଧିକାରୀମାନେ ଆହତ ଛାତ୍ରମାନଙ୍କୁ ସହାୟତା କରିବା ପାଇଁ ଉଫା ଯାଇଛନ୍ତି ।

ଗୃହ ମନ୍ତ୍ରଣାଳୟର ମୁଖପାତ୍ର ମେଜର ଜେନେରାଲ ଇରିନା ଭୋଲ୍କ କହିଛନ୍ତି, ଆକ୍ରମଣକାରୀଙ୍କୁ ଗିରଫ କରିବାବେଳେ ସେ ଦୁଇ ଜଣ ପୁଲିସ ଅଧିକାରୀଙ୍କୁ ଛୁରୀରେ ଆକ୍ରମଣ କରିଥିଲେ । ସନ୍ଦିଗ୍ଧ ବ୍ୟକ୍ତି ନିଜକୁ ମଧ୍ୟ ଶାରୀରିକ କ୍ଷତି ପହଞ୍ଚାଇଥିଲେ । ତାକୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଶିଶୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଚାରି ଜଣ ଛାତ୍ର ଏବଂ ଦୁଇ ଜଣ ପୁଲିସ ଅଧିକାରୀଙ୍କୁ ସ୍ଥାନୀୟ କ୍ଲିନିକାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ରୁଷିଆନ୍ ଗଣରାଜ୍ୟ ବାଶକୋର୍ଟୋସ୍ତାନର ଏକ ବିଶ୍ୱବିଦ୍ୟାଳୟରେ ଚାରି ଜଣ ଭାରତୀୟ ଛାତ୍ରଙ୍କ ଉପରେ ହୋଇଥିବା ହିଂସାତ୍ମକ ଆକ୍ରମଣ ସମ୍ପର୍କରେ ଅଲ୍ ଇଣ୍ଡିଆ ମେଡିକାଲ୍ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (ଏଆଇଏମ୍ଏସ୍ଏ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖି ଗଭୀର ଚିନ୍ତା ପ୍ରକାଶ କରିଛି । ସଂଗଠନ ଏହି ଘଟଣାକୁ ଗମ୍ଭୀର ବୋଲି ବର୍ଣ୍ଣନା କରିଛି ଓ ପୀଡିତଙ୍କ ପାଇଁ ନ୍ୟାୟ ତଥା ବିଦେଶରେ ପଢୁଥିବା ଭାରତୀୟ ଛାତ୍ରଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ତୁରନ୍ତ କୂଟନୈତିକ କାର୍ଯ୍ୟାନୁଷ୍ଠାନ ଦାବି କରିଛି ।

ଚିଠିରେ କୁହାଯାଇଛି, ଏପରି ଘଟଣା କେବଳ ଛାତ୍ରଙ୍କ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରେ ନାହିଁ ବରଂ ବିଦେଶରେ ପଢୁଥିବା ଭାରତୀୟ ଛାତ୍ରଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରେ । ଡାକ୍ତର ସଂଗଠନ ଦାବି କରିଛି, ଭାରତୀୟ ଛାତ୍ରଙ୍କ ପାଇଁ ସ୍ପଷ୍ଟ ପରାମର୍ଶ ଜାରି କରାଯାଉ ତଥା ହେଲ୍ପଲାଇନ୍ ଭଳି ସୁବିଧା ଉପଲବ୍ଧ କରାଯାଉ ଯାହା ଦ୍ୱାରା ସେମାନେ ଯେକୌଣସି ସଙ୍କଟ ସମୟରେ ତୁରନ୍ତ ସହାୟତା ପାଇପାରିବେ । ମସ୍କୋରେ ଥିବା ଭାରତୀୟ ଦୂତାବାସ ଶନିବାର ବିଳମ୍ବିତ ରାତିରେ ଏହି ଘଟଣାକୁ ନିଶ୍ଚିତ କରି ଏହାକୁ ଏକ ଦୁର୍ଭାଗ୍ୟପୂର୍ଣ୍ଣ ଆକ୍ରମଣ ବୋଲି କହିଛି । ଆହତମାନଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ସେବା ସୁନିଶ୍ଚିତ କରିବା ଓ ସୂଚନା ପାଇବା ପାଇଁ ଦୂତାବାସ ରୁଷ କର୍ତ୍ତୃପକ୍ଷଙ୍କ ସହିତ ନିରନ୍ତର ଯୋଗାଯୋଗରେ ରହିଛି ବୋଲି କହିଛି । କାଜାନରେ ଥିବା ଭାରତୀୟ କନସୁଲେଟର ଅଧିକାରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଉଫା ପଠାଯାଇଛି ।



ନୂଆଦିଲ୍ଲୀର ବୈଦେଶିକ ମନ୍ତ୍ରଣାଳୟକୁ ମଧ୍ୟ ଏ ବିଷୟରେ ଅବଗତ କରାଯାଇଛି । ଆକ୍ରମଣର ଉଦ୍ଦେଶ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଭାରତୀୟ ଅଧିକାରୀମାନେ କହିଛନ୍ତି, ବିଦେଶରେ ଛାତ୍ରମାନଙ୍କ ସୁରକ୍ଷା ସେମାନଙ୍କର ପ୍ରାଥମିକ ଚିନ୍ତା । କୂଟନୈତିକ ସୂତ୍ରଗୁଡ଼ିକ ସୂଚିତ କରିଛନ୍ତି, ଦୂତାବାସ ପରିସ୍ଥିତି ଉପରେ କଡ଼ା ନଜର ରଖିଛି ଏବଂ ଅପଡେଟ୍ ପ୍ରଦାନ ଜାରି ରଖିବ । ରୁଷିଆ ଫେଡେରାଲ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି, ଆକ୍ରମଣରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କର ଚିକିତ୍ସା ଜାରି ରହିଛି । ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଅଛି । ମସ୍କୋରୁ ପ୍ରାୟ ୧,୨୦୦ କିଲୋମିଟର ପୂର୍ବରେ ଅବସ୍ଥିତ ବାଶକୋର୍ଟୋସ୍ତାନ ଗଣରାଜ୍ୟର ରାଜଧାନୀ ଉଫାର କର୍ତ୍ତୃପକ୍ଷ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ କରିଛନ୍ତି । ଗୋଟିଏ ଚ୍ୟାନେଲ ଦାବି କରିଛି ଯେ ଆକ୍ରମଣକାରୀ ନିଷିଦ୍ଧ ନବ-ନାଜି ସଂଗଠନ ଏନ୍ଏସ୍/ଡବ୍ଲୁପିର ଥିଲେ । ଆକ୍ରମଣ ସମୟରେ ସେ, ଜାତୀୟତାବାଦୀ ସ୍ଲୋଗାନ ଦେଉଥିଲେ । ପୀଡିତଙ୍କ ରକ୍ତରେ କାନ୍ଥରେ ଅଙ୍କିତ ସ୍ୱସ୍ତିକ ଚିହ୍ନର ଏକ ଫଟୋ ସେୟାର କରାଯାଇଛି । ଏହା ଭାଇରାଲ ହେବାରେ ଲାଗିଛି ।

# ଚୀନ୍‌ର କୃତିତ୍ୱ : ୨ ଘଣ୍ଟାର ଯାତ୍ରା ଏବେ ୨୦ ମିନିଟ୍‌ରେ ଶେଷ

**ନୂଆଦିଲ୍ଲୀ :** ଚୀନ୍ ସମୁଦ୍ର ମଝିରେ ଏକ ଅଦ୍ଭୁତ ଉଦାହରଣ ଉପସ୍ଥାପନ କରି ଆଧୁନିକ ସାମୁଦ୍ରିକ ଇଞ୍ଜିନିୟରିଂ ପ୍ରକଳ୍ପ ତାଲିକାରେ ନୂତନ ମାନଦଣ୍ଡ ସ୍ଥାପନ କରିଛି । ଏହି କରିଡରକୁ ଗ୍ରେଟର ବେ ଏରିଆରେ ଆଞ୍ଚଳିକ ସଂଯୋଗ ଭିତ୍ତିଭୂମିକୁ ବିକଶିତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ୨୮ କିଲୋମିଟର ଲମ୍ବା ସେନଜେନ-ଝୋଙ୍ଗସାନ ଲିଙ୍କ୍ ଏବେ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ଏଥିରେ ଅନ୍ତର୍ଭୁକ୍ତ ୬.୮ କିଲୋମିଟର ଲମ୍ବା ଜଳମଗ୍ନ ସୁଡ଼ଙ୍ଗ ରହିଛି ।

ଚୀନ୍ ଦ୍ୱାରା ଉନ୍ମୋଚିତ ଏହି କରିଡର କେବଳ ଲମ୍ବା ନୁହେଁ ବରଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଅତ୍ୟନ୍ତ ଉନ୍ନତ ବୋଲି ବିବେଚନା କରାଯାଉଛି । ଏହି ସେତୁରେ କୃତ୍ରିମ ଦ୍ୱୀପପୁଞ୍ଜ ଏବଂ ପାଣି ତଳେ ସୁଡ଼ଙ୍ଗର ଏକ ଅନନ୍ୟ ମିଶ୍ରଣ ରହିଛି । ଏହି ବିଶାଳ ଭିତ୍ତିଭୂମି ଦୁଇଟି ପ୍ରମୁଖ ସହର ମଧ୍ୟରେ ଦୂରତା ଓ ସମୟକୁ ଯଥେଷ୍ଟ ହ୍ରାସ କରିବା ପାଇଁ ଡିଜାଇନ୍ କରାଯାଇଛି । କରିଡରର ସବୁଠାରୁ ବଡ଼ ସଫଳତା ହେଉଛି ଏହା ଦୁଇ ଘଣ୍ଟାର ଯାତ୍ରାକୁ ୨୦ ମିନିଟକୁ ହ୍ରାସ କରିଛି । ଏହା ବ୍ୟବସାୟିକ କାର୍ଯ୍ୟକଳାପକୁ ଯଥେଷ୍ଟ ବୃଦ୍ଧି କରିବ ବୋଲି ଆଶା କରାଯାଉଛି । ଏହି ସମୁଦ୍ର ସଂଯୋଗ ଏବେ ସମଗ୍ର ଅଞ୍ଚଳର ଆର୍ଥିକ ପ୍ରଗତି ଓ ପରିବହନ ବ୍ୟବସ୍ଥା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଜୀବନରେଖା ପାଲଟିଛି ।

ପ୍ରକଳ୍ପର ଡିଜାଇନ୍ ଆକାଶରୁ ସମୁଦ୍ର ଉପରେ ଉଡୁଥିବା ଏକ ବିଶାଳ ପକ୍ଷୀ ଅବା ଏକ ଚିଲ ପରି ଦେଖାଯାଉଛି । ଏହାକୁ ନୂଆ ଇଞ୍ଜିନିୟରିଂ ମାନଦଣ୍ଡ ଅନୁଯାୟୀ ନିର୍ମାଣ କରାଯାଇଛି । ଏହା ଭୟଙ୍କର ସମୁଦ୍ର ଝଡ଼ ଓ ବଡ଼ ଜୁଆର ସହ୍ୟ କରିପାରିବ । ସୁରକ୍ଷା ଓ ସୁଗମ ଟ୍ରାଫିକ୍ ଚଳାଚଳକୁ ସୁନିଶ୍ଚିତ କରିବା ପାଇଁ, ଏହି ଲିଙ୍କ୍‌ରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଇଛି । ସମୁଦ୍ର ତଳ ସୁଡ଼ଙ୍ଗଗୁଡ଼ିକର ଦୈନନ୍ଦିନ ଯାଞ୍ଚ କରିବା ପାଇଁ ଉନ୍ନତ ରୋବୋଟ ନିୟୋଜିତ କରାଯାଇଛି ।

ଚ୍ୟାଲେଞ୍ଜିଂ ପ୍ରକଳ୍ପକୁ ନିର୍ମାଣ କରିବା ପାଇଁ ଚୀନ୍‌କୁ ୧୪ ବର୍ଷରୁ ଅଧିକ ସମୟ ଲାଗିଥିଲା । ଏହି ସମୟ ମଧ୍ୟରେ ୧୫,୦୦୦ରୁ ଅଧିକ ଶ୍ରମିକ ଏହି ଇଞ୍ଜିନିୟରିଂ ଆଶ୍ଚର୍ଯ୍ୟକୁ ବାସ୍ତବରେ ପରିଣତ କରିବା ପାଇଁ ଦିନରାତି ପରିଶ୍ରମ କରିଥିଲେ । ଏଥିରେ ଅନେକ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି । ସମ୍ପୂର୍ଣ୍ଣ ଲିଙ୍କ୍‌ଟି ପ୍ରାୟ ୧୩୭,୦୦୦ ବର୍ଗ ମିଟରର ଏକ ବିସ୍ତୃତ କ୍ଷେତ୍ରରେ ନିର୍ମାଣ କରାଯାଇଛି । ଏହା ପ୍ରାୟ ୧୯ଟି ଫୁଟବଲ୍ ପଡ଼ିଆ ସହିତ ସମାନ ।



ଲିଙ୍ଗ୍‌ଡିଙ୍ଗ୍ୟାଙ୍ଗର ଜଳରାଶିରେ ଅବସ୍ଥିତ ଚୀନ୍‌ର ପଶ୍ଚିମ କୃତ୍ରିମ ଦ୍ୱୀପ ଏବେ ଉପସାଗର ଅଞ୍ଚଳରେ ଏକ ନୂତନ ସାମୁଦ୍ରିକ ଲ୍ୟାଣ୍ଡମାର୍କ ପାଲଟିଛି । ଏହା ସ୍ଥାନୀୟ ଅର୍ଥ ବ୍ୟବସ୍ଥାର ବିକାଶ ପାଇଁ ନୂଆ ବାଟ ଫିଟାଇଛି ।




Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର